## ସଂକ୍ଷେପରେ

### ଇଭିଏମ୍ ବଦଳ ନେଇ ଉତ୍ତେଜନା: ପୋଲିଂ ଅଫିସରଙ୍କୁ ମାଡ଼

**କେନ୍ଦ୍ରାପଡା ଅଫିସ, ୨୦।୭:** କେନ୍ଦ୍ରାପଡା ଜିଲା ପାଟକୁରା ବିଧାନସଭା ନିର୍ବାଚନ ଶନିବାର ଶେଷ ହୋଇଛି। ଏହି ନିର୍ବାଚନରେ ବ୍ୟବହୃତ ଏକ ଇଭିଏମ୍ ବଦଳ ନେଇ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ହୋଇଥିବା ସଂଗ୍ରହ କେନ୍ଦ୍ରରେ ଉତ୍ତେଜନା ସୃଷ୍ଟି ହୋଇଛି। ଇଭିଏମ୍ ମେଶିନ୍ ବଦଳ କରିଥିବା ଅଭିଯୋଗ କରି ପୁଲିଂ ଅଫିସରଙ୍କୁ ମାଡ଼ ହୋଇଛି। ଉପସ୍ଥିତ ପୋଲିସ ପୋଲିଂ ଅଫିସରଙ୍କୁ ଉଦ୍ଧାର କରିଛନ୍ତି। ସୂଚନାଅନୁଯାୟୀ, ମତଦାନ ଗ୍ରହଣ ପରେ ଗରଦପୁର ବ୍ଲକ ପାଟକୁରା ୟୁପି ସ୍କୁଲରେ ହୋଇଥିବା ୯୪ ନଂ ବୁଥ୍‌ରୁ ଇଭିଏମ୍ ଓ ଭିଭିପିଏଟି ମେଶିନକୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରସ୍ଥିତ ସଂଗ୍ରହ କେନ୍ଦ୍ରକୁ ନିଆଯାଇଥିଲା। ମାତ୍ର କେନ୍ଦ୍ରରୁ ୨୦୦ ମିଟର ଦୂରରେ ଥିବା ଏକ ଅନ୍ଧାରିଆ ସ୍ଥାନରେ ପୋଲିଂ ଅଫିସର ସଂନ୍ଧ୍ୟା ୮ଟାରେ ଇଭିଏମ୍ ମେଶିନ୍ ଖୋଲିଥିଲେ। ସେଠାରେ ଉପସ୍ଥିତ ଥିବା ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଏହାକୁ ବିରୋଧ କରିବାସହ ତାଙ୍କୁ ମାଡ଼ ମାରିଥିଲେ। ଏଥିପାଇଁ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏସମ୍ପର୍କରେ ପୋଲିଂ ଅଫିସର ଚିତ୍ତରଞ୍ଜନ ସାହୁ କୁହନ୍ତି, ବୁଥ୍‌ର ପ୍ରିଜାଇଡିଂ ଅଫିସର ଇଭିଏମ୍ ମେଶିନ୍‌ରେ ବ୍ୟାଟେରି ପୁରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିଯୋଗୁ ମେଶିନ କଭର ଖୋଲି ବ୍ୟାଟେରି ପୁରାଇବା ସମୟରେ କେତେଜଣ ବ୍ୟକ୍ତି ମତେ ମାଡ଼ ମାରିଛନ୍ତି। ଏବିଷୟରେ ରିଟର୍ନିଂ ଅଫିସର ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, ଘଟଣା ନଜରକୁ ଆସିବା ପରେ ପୋଲିଂ ଅଫିସର ଓ ମେଶିନକୁ ଉଦ୍ଧାର କରାଯାଇ ପ୍ରଶାସନର ହେପାଜତକୁ ନିଆଯାଇଛି। ସମସ୍ତ ଇଭିଏମ୍ ମେଶିନ ସଂଗ୍ରହ ପରେ ଏନେଇ ତଦନ୍ତ ହେବ। ସୂଚନାଯୋଗ୍ୟ ଯେ, ଚିତ୍ତରଞ୍ଜନ ସାହୁ ରାଜନଗର ବ୍ଲକ ହାବଲଗଣ୍ଡ ୟୁପି ସ୍କୁଲର ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି।

### ଡେରାବିଶରେ ନିର୍ବାଚନ ପରବର୍ତ୍ତୀ ହିଂସା

**ଡେରାବିଶ, ୨୦।୭ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ଚାଟରାଚକଡା ପଞ୍ଚାୟତର ୩୭ ନମ୍ବର ବୁଥ୍‌ରେ ଶନିବାର ସନ୍ଧ୍ୟାରେ ଭୋଟ ଗ୍ରହଣ ପରେ ୨ଟି ରାଜନୈତିକ ଦଳର ସମର୍ଥକଙ୍କ ମଧରେ ଗଣ୍ଡଗୋଳ ହୋଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ଆକ୍ରମଣର ଶିକାର ହୋଇଥିବା ନେଇ ଡେରାବିଶ ଥାନାରେ ଅଭିଯୋଗ ହୋଇଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ରାଜନଗର, ୨0। ୭(ଡି.ଏନ.ଏ.) ରାଜନଗର ବ୍ଲକ ମହିଷାସୁର ପଞ୍ଚାୟତ ଗୁଲୁଦିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଜୟାରାମ ନାୟକଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ରୋଗରେ ପୀଡିତ ଥିଲେ। ତାଙ୍କ ବିୟୋଗରେ ଅବସରପ୍ରାପ୍ତ ଶିକ୍ଷକ ରବି ନାରାୟଣ ଲେଙ୍କା, ଦୁଃଶାସନ ନାୟକ, ସରପଞ୍ଚ ପ୍ରତିମା ମହାନ୍ତି, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ରବୀନ୍ଦ୍ର ନାଥ ନାୟକ, ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।



ପାଟକୁରା ବିଧାନସଭା ନିର୍ବାଚନ: ଡେରାବିଶ ବ୍ଲକ ପଲ୍ଲୀରଘୁନାଥପୁରରେ ମହିଳାଙ୍କ ଲମ୍ୱା ଧାଡ଼ି।



ପାଟକୁରାରେ ଏକ ବୁଥ୍ ଆଗରେ ଭୋଟରଙ୍କ ଲମ୍ୱା ଲାଇନ।



ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜ କାନ୍ତ ସାହୁ ଭୋଟ ଦେଇ ଫେରୁଛନ୍ତି।



ହୁଇଲ ଚେୟାର ଯୋଗେ ଭୋଟରଙ୍କୁ ବୁଥ୍‌କୁ ନିଆଯାଉଛି।

■ ପାଟକୁରା ବିଧାନସଭା ନିର୍ବାଚନ

# ଇଭିଏମ୍‌ରେ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍

**କେନ୍ଦ୍ରାପଡା ଅଫିସ, ୨୦।୭**

କେନ୍ଦ୍ରାପଡା ଜିଲାର ପାଟକୁରା ବିଧାନସଭା ଆସନ ପାଇଁ ଶନିବାର ମତଦାନ ଶେଷ ହୋଇଛି । ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୨,୪୪,୭୪୭ ଭୋଟର ଥିବା ବେଳେ ସନ୍ଧ୍ୟା ୫ଟା ସୁଦ୍ଧା ୬୭ ପ୍ରତିଶତ ମତଦାନ ହୋଇଛି । ଇଭିଏମ୍ ଏବଂ ଭିଭିପିଏଟି ମେଶିନରେ ତ୍ରୁଟି ଯୋଗୁ ୭ ବୁଥ୍‌ରେ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା । ଏଥିସହ ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର କୁଶିଆପାଳ, ପାଟକୁରା ଓ ଅନ୍ୟ କେତେକ ବୁଥରେ ରାଜନୈତିକ ଅସନ୍ତୋଷକୁ ନେଇ ସାମାନ୍ୟ ବଚସା ହୋଇଥିଲେ ମଧ ଶୃଙ୍ଖଳିତ ଭାବେ ନିର୍ବାଚନ ପ୍ରକ୍ରିୟା ଜାରିରହିଥିଲା । ଆସନ୍ତା ୨୪ ତାରିଖରେ ଭୋଟ ଗଣତି ହେବାକୁ ଥିବା ବେଳେ ଇଭିଏମ୍ ମେଶିନରେ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇରହିଛି ।

୨୦୧୯ ସାଧାରଣ ନିର୍ବାଚନ ଆରମ୍ଭରୁ ଓଡିଶାରେଏହି ବିଧାନସଭା ଆସନ ଚର୍ଚ୍ଚାରେ ରହିଛି । ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ମୃତ୍ୟୁ ଯୋଗୁ ଗତଏପ୍ରିଲ ୨୯ରେ ଏହି ଆସନରେ ନିର୍ବାଚନ ବନ୍ଦ ହୋଇଥିଲା। ପରବର୍ତ୍ତୀ ସମୟରେ ସାମୁଦ୍ରିକ ଝଡ ଫନୀ ପାଇଁ ମେ ୧୯ ତାରିଖରେ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ଶେଷରେ ଚଳିତମାସ ୨୦ ତାରିଖରେ ନିର୍ବାଚନ ହୋଇଛି।

ଏହି ଆସନ ପାଇଁ ଭାଜପାର ହେବିୱେଟ୍ ନେତା ବିଜୟ ମହାପାତ୍ର ଓ ବିଜେଡିରୁ ବେଦପ୍ରକାଶଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲଙ୍କ ମଧରେ କଡ଼ା ଟକ୍କର ହୋଇଛି। ଏବେ ନିର୍ବାଚନ ଫଳାଫଳକୁ ନେଇ ଅଙ୍କକଷା ଆରମ୍ଭ ହୋଇଛି। ଅପରପକ୍ଷେ ୩୦୯ରୁ ସର୍ବାଧିକ ୧୩୮ ବୁଥକୁ ସମ୍ବେଦନଶୀଳ ଚିହ୍ନଟ କରାଯିବା ଏହି ନିର୍ବାଚନର ଗୁରୁତ୍ୱ ବଢ଼ାଇଦେଇଥିଲା । ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ କରିବା ନିମନ୍ତେ ୬୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

- ସନ୍ଧ୍ୟା ୫ଟା ସୁଦ୍ଧା ୬୭ ପ୍ରତିଶତ ମତଦାନ
- ୭ ବୁଥ୍‌ରେ ବିଳମ୍ବରେ ମତଦାନ
- କିଛି ବୁଥ୍‌ରେ ସାମାନ୍ୟ ଉତ୍ତେଜନା

ମତଦାନ ବେଳେ କିଛି ବୁଥରେ କାଁଭାଁ ଉତ୍ତେଜନା ପ୍ରକାଶ ପାଇଥିଲା। ବିଶେଷକରି ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ପଞ୍ଚାୟତସ୍ଥିତ ପଲ୍ଲୀ ରଘୁନାଥପୁର ଗ୍ରାମର ୩ ନଂ ବୁଥ୍‌ରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକଙ୍କ ଆକ୍ରମଣରେ ପ୍ରତିପକ୍ଷ ରାଜନୈତିକ ଦଳର ଜଣେ କର୍ମୀ ଗୁରୁତର ହୋଇଛନ୍ତି। ସେହିପରି କୁଶିଆପାଳ ପଞ୍ଚାୟତର ୩୨ ନଂ ବୁଥ୍‌ରେ ରାଜନୈତିକ ହିଂସାରେ ଜଣେ ଗୁରୁତର ହୋଇଛନ୍ତି। ସକାଳେ ବର୍ଷା ଯୋଗୁ ମତଦାନ କେନ୍ଦ୍ରଗୁଡ଼ିକରେ ଭୋଟରଙ୍କ ସଂଖ୍ୟା କମ୍ ରହିଥିଲା । ପୂର୍ବାହ୍ନ ୯ଟାରେ ୧୨ ପ୍ରତିଶତ ମତଦାନ ହୋଇଥିବା ବେଳେ ୧୧ଟାରେ ୨୬ ପ୍ରତିଶତ, ଅପରାହ୍ନ ୧ଟାରେ ୪୨ ପ୍ରତିଶତ ଓ ଅପରାହ୍ନ ୩ଟାରେ ୬୧ ପ୍ରତିଶତ ମତଦାନ ହୋଇଥିଲା । ଅପରାହ୍ନ ୫ଟା ସୁଦ୍ଧା ମତଦାନ ୬୭ ପ୍ରତିଶତକୁ ଛୁଇଁଥିଲା ।

ସୂଚନାଯୋଗ୍ୟଯେ, ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚତୁର୍ଥ ପର୍ଯ୍ୟାୟରେ ଗତ ଏପ୍ରିଲ ୨୯ରେ ଲୋକସଭା ଆସନ ପାଇଁ ମତଦାନ ହୋଇଥିଲା। ସେତେବେଳେ ମୋଟ ୭୧ ପ୍ରତିଶତ ମତଦାନ ହୋଇଥିଲା । ଏହି ନିର୍ବାଚନ ମଣ୍ଡଳୀର ଭୋଟର ହୋଇ ନ ଥିବାରୁ ଶନିବାର କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ଓ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଭୋଟ ଦେଇ ପାରିନାହାନ୍ତି । ମାତ୍ର ଏହି ୨ ପ୍ରାର୍ଥୀ ନିଜର ବିଜୟ ନିଶ୍ଚିତ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିବା ବେଳେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଭାଜପା ପ୍ରାର୍ଥୀ ବିଜୟ ନିର୍ବାଚନ ଫଳାଫଳ ସମ୍ପର୍କରେ ଭିନ୍ନ ମତ ଦେଇଛନ୍ତି।

ବିଧାୟକ ନାୟକ କହିଛନ୍ତି, ବିଜୁବାବୁଙ୍କ କର୍ମଭୂମି କେନ୍ଦ୍ରାପଡ଼ାରେ ବିକାଶକୁ ସର୍ବଦା ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ପ୍ରାର୍ଥୀ ସାବିତ୍ରୀ ବହୁ ଭୋଟ ବ୍ୟବଧାନରେ ଜିତିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ସେହିପରି ଭାଜପା ପ୍ରାର୍ଥୀ ବିଜୟ କହିଛନ୍ତି, ନିର୍ବାଚନମଣ୍ଡଳୀର ବିକାଶ ସମ୍ପର୍କରେ ପାଟକୁରାବାସୀ ସଚେତନ ରହିଛନ୍ତି। ବିଗତ ୧୯ ବର୍ଷ ଧରି ଅଞ୍ଚଳର ବିକାଶ ଠପ୍ ହୋଇଥିବାରୁ ପରିବର୍ତ୍ତନର ସ୍ୱର ଉଠିଛି। ପାଟକୁରାବାସୀ ଏହାର ଉଚିତ ଜବାବ ଭୋଟ ମାଧ୍ୟମରେ ଦେଇଛନ୍ତି ବୋଲି ସେ କହିଛନ୍ତି।

## ଭୋଟ୍ ଦେଲେ ଅତନୁ, ବିଜୟ

**ପାଟକୁରା, ୨୦।୭ (ଡି.ଏନ୍.ଏ.)**

ପାଟକୁରା ବିଧାନସଭା କ୍ଷେତ୍ର ପାଇଁ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗରଦପୁର ବ୍ଲକର ତଳକୁସୁମା ଉ.ପ୍ରା. ସ୍କୁଲ କେନ୍ଦ୍ରରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ମତଦାନ କରିଥିଲେ। ଜଗନ୍ନାଥ ନୋଡାଲ ଉ.ପ୍ରା. ସ୍କୁଲ କେନ୍ଦ୍ରରେ ବିଜେଡି ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଦସ୍ୟା କନକଲତା କଣ୍ଡ ତାଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ରତିକାନ୍ତ କାନୁନ୍‌ଗୋ ବାସୁଦେଇପୁର ଉ.ପ୍ରା. ସ୍କୁଲ କେନ୍ଦ୍ରରେ ଭୋଟ ଦେଇଛନ୍ତି।





ବିଧାୟକ ଅତନୁ ଓ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ଭୋଟ ଦେଇ ଫେରୁଛନ୍ତି।

ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ତାଙ୍କ ନିଜ ଗାଁ ଗରଦପୁରର ଅରିଲୋ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ବୁଥ୍‌ରେ ଭୋଟ ଦେଇଛନ୍ତି।

## ପାଇଖାନା ଟାଙ୍କିରେ ପଡ଼ି ଶ୍ରମିକ ମୃତ

**ଆଳି,୨୦।୭(ଡି.ଏନ.ଏ)**

ଆଳି ଥାନା ଅନ୍ତର୍ଗତ କୃଷ୍ଣପୁରପାଟଣା(କଳଦିଆ)ଗ୍ରାମରେ ପାଇଖାନାରେ ଟାଙ୍କିରେ ପଡିଯିବାରୁ ଶ୍ୱାସରୁଦ୍ଧ ହୋଇ ଶନିବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗରୁ ଆସି ଆଳି ଅଞ୍ଚଳରେ କାମ କରୁଥିବା ଶ୍ରମିକ ସେକ ସମତ(ଆବୁ)। ମିଳିଥିବା ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗରୁ ଆସି ସେକ୍ ଓ ଅନ୍ୟ କିଛି ଶ୍ରମିକ ଆଳି ଅଞ୍ଚଳରେ ଦୀର୍ଘ ଦିନ ହେବ ନିର୍ମାଣ କାର୍ଯ୍ୟ କରୁଛନ୍ତି। ସେକ୍ କୃଷ୍ଣପୁରପାଟଣା ଗ୍ରାମର ବସନ୍ତ ପାଣିଙ୍କ ଘରର ଏକ ପାଇଖାନା ଟାଙ୍କିରେ ମରାମତି କାର୍ଯ୍ୟ କରୁଥିବା ବେଳେ ଟାଙ୍କି ଭିତରେ ଅସାବଧାନତା ବଶତଃ ପଡି ଶ୍ୱାସରୁଦ୍ଧ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିବା ସହ ଆଳି ଅଗ୍ନିଶମ ସେବା ସଂସ୍ଥାରେ ଖବର ଦେଇଥିଲେ। ପରେ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ବର୍ଷା ନାହିଁ ,ଗଜା ମରୁଡ଼ି ଆଶଙ୍କା

## ଟୁଲୁ ପମ୍ପରେ ଚାଷୀମାନେ ତଳିରେ ପାଣି ଛିଞ୍ଚୁଛନ୍ତି

**ପଟ୍ଟାମୁଣ୍ଡାଇ,୨୦।୭(ସ୍ୱ.ପ୍ର.)**

ଶ୍ରାବଣରେ ବର୍ଷା ନାହିଁ । ଏପଟେ ଗତ କିଛି ଦିନ ହେବ ଟାଣ ଖରା ଯୋଗୁ ପଟ୍ଟାମୁଣ୍ଡାଇ ବ୍ଲକର ଚାଷଜମିରେ ଧାନ ତଳି ଶୁଖିବାରେ ଲାଗିଛି । ଏହାଦେଖି ଚାଷୀ ମହଲରେ ଭାଳେଣି ପଡିଯାଇଛି । ଅପରପକ୍ଷରେ ଧାନ ତଳି ବଞ୍ଚାଇବା ପାଇଁ ଚାଷୀମାନେ ଟୁଲୁ ପମ୍ପ ସାହାଯ୍ୟରେ ଲମ୍ୱା ପାଇପ୍ ଯୋଡି ଧାନ ତଳିରେ ସିଞ୍ଚନ କରିବା ଦେଖିବାକୁ ମିଳିଛି । ନିକଟରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛଡାଯାଇଛି । ମାତ୍ର ତାହା ତଳମୁଣ୍ଡ ଜମିରେ ପହଞ୍ଚିବାକୁ ଆହୁରି ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ଲାଗିବ । ବର୍ଷା ନ ହେଲେ ଖରିଫ ଧାନ ଫସଲ ଉଜୁଡି ଯିବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଏଣୁ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ଅଧିକ ପରିମାଣରେ ପାଣି ଛାଡିବାକୁ ଚାଷୀମାନେ ଦାବି କରିଛନ୍ତି । ଅନ୍ୟପକ୍ଷରେ ସରକାରୀ ଧାନ ବିହନ ମିଳୁ ନ ଥିବାରୁ ପୁନର୍ବାର ଧାନ ତଳି ପକାଇବା ପାଇଁ ଚାଷୀମାନେ ଚିନ୍ତାରେ ପଡି ଯାଇଛନ୍ତି । ଏ ଦିଗରେ ରାଜ୍ୟ ସରକାର, କୃଷି ବିଭାଗ ଓ ବିହନ ଯୋଗାଣ ନିଗମ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।



ଖରାରେ ଶୁଖି ଆସୁଥିବା ଧାନତଳିରେ ଜଣେ ଚାଷୀ ପାଣି ଛିଞ୍ଚୁଛନ୍ତି।

## ୩୯ ବୁଥ୍‌ରେ ଶାନ୍ତିପୂର୍ଣ୍ଣ ମତଦାନ



ମାର୍ଶାଘାଇ ବ୍ଲକର ଏକ ବୁଥ୍‌ରେ ଭୋଟରମାନେ ଭୋଟ ଦେବାକୁ ଯାଉଛନ୍ତି।

**ମାର୍ଶାଘାଇ ବ୍ଲକ**

**ମାର୍ଶାଘାଇ,୨୦।୭(ଡି.ଏନ୍.ଏ.)**

ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୋଟ ୩୯ଟି ବୁଥରେ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଏଠାରେ ୭୧ ପ୍ରତିଶତ ମତଦାନ ହୋଇଛି। ଏହି ନିର୍ବାଚନମଣ୍ଡଳୀରେ ମାର୍ଶାଘାଇ ବ୍ଲକର ୨୪ ପଞ୍ଚାୟତରୁ ୭ ପଞ୍ଚାୟତର ୩୯ଟି ବୁଥରେ ୩୧୯୧୪ ଭୋଟର ରହିଛନ୍ତି। ଶନିବାର ସକାଳେ ପ୍ରାର୍ଥୀମାନଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ଇଭିଏମ ମେଶିନ ଯାଞ୍ଚ କରାଯାଇଥିଲା। ଏହାପରେ ଅପେକ୍ଷାରତ ଭୋଟରମାନେ ମତଦାନ କରିବାର ବ୍ୟବସ୍ଥା କରାଯାଇଥିଲା। ଜମପଡା ଉଚ୍ଚ ବିଦ୍ୟାଳୟର ୧୮୦ ନମ୍ବର ବୁଥ ଏବଂ କରିଲୋପାଟଣା ଜୟରାମ ଉଚ୍ଚ ବିଦ୍ୟାଳୟରେ ଆଦର୍ଶ ବୁଥ କରାଯାଇଥିଲା। ସମସ୍ତ ବୁଥରେ ଦିବ୍ୟାଙ୍ଗ ଏବଂ ବୟସ୍କମାନଙ୍କ ପାଇଁ ହୁଇଲ ଚେୟାର ବ୍ୟବସ୍ଥା କରାଯାଇ ସେମାନଙ୍କୁ ନେବା ଆଣିବାରେ ସାହାଯ୍ୟ କରିବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଥିଲା। ସକାଳୁ ମତଦାନ କେନ୍ଦ୍ରରେ ବୟସ୍କଭୋଟରମାନଙ୍କ ଭିଡ ଲାଗିଥିଲା । ସକାଳ ୯ଟା ପରେ ଭୋଟ ଗ୍ରହଣ କେନ୍ଦ୍ରରେ ମହିଳା ଏବଂ ଯୁବ ଭୋଟରମାନଙ୍କ ସଂଖ୍ୟା ବଢିଥିଲା ।

## ଖବରଦାତାଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ

**ରାଜକନିକା, ୨୦।୭(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ପାଟକୁରାକୁ ନିର୍ବାଚନ ପ୍ରଚାରରେ ଯାଇଥିବା ବେଳେ ଜଣେ ଖବରଦାତାଙ୍କୁ କେନ୍ଦ୍ରାପଡା ଏସ୍‌ପିଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ ଗତ ଶୁକ୍ରବାର ପାଟକୁରାରେ ଅନ୍ୟ ଜଣେ ଖବରଦାତାଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାକୁ ଶନିବାର କନିକା ପ୍ରେସ କ୍ଲବ ପକ୍ଷରୁ ନିନ୍ଦା କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଖବରଦାତାଙ୍କୁ ଆକ୍ରମଣ ଘଟଣାର ଅନ୍ତ ଘଟାଇବା ପାଇଁ ଖବରଦାତା ସୁରକ୍ଷା ଆଇନ ଲାଗୁ କରିବାକୁ ଦାବି ହୋଇଛି। ଏନେଇ କନିକା ପ୍ରେସ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ କାର୍ଯ୍ୟାଳୟରେ ଏକ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ବିଡିଓଙ୍କ ଅନୁପସ୍ଥିତ ଥିବା ଯୋଗୁ ବ୍ଲକ ମୁଖ୍ୟ ଲିପିକ ଏହି ଦାବିପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ସଭାପତି ରବିନ୍ଦ୍ର ଦାସ, ସମ୍ପାଦକ ପ୍ରବୀଣ ବଳ,ସଦସ୍ୟ ସୁକାନ୍ତ ଦାଶ, ବ୍ରଜ ସିଂ,ଉମାକାନ୍ତ ପରମାଣିକ ଓ କମଳ ଲୋଚନ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

■ ବହୁଚର୍ଚ୍ଚିତ ପାଟକୁରା ନିର୍ବାଚନ ଶୃଙ୍ଖଳାର ସହ ଶେଷ

# ଡେରାବିଶ: ୧୪୫ ବୁଥ୍‌ରେ ୭୦% ମତଦାନ

**ଡେରାବିଶ,୨୦।୭(ସ୍ୱ.ପ୍ର.)**

ରାଜ୍ୟବାସୀ ଅପେକ୍ଷା କରିଥିବା କେନ୍ଦ୍ରାପଡା ଜିଲାର ବହୁଚର୍ଚ୍ଚିତ ପାଟକୁରା ବିଧାନସଭା ନିର୍ବାଚନ ଶନିବାର ଶେଷ ହୋଇଛି । ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନରେ ଥିବା ୨୬ ଗୋଟି ପଞ୍ଚାୟତର ୧୪୫ଟି ମତଦାନ କେନ୍ଦ୍ରରେ ସନ୍ଧ୍ୟା ୬ଟା ସୁଦ୍ଧା ୭୦ ପ୍ରତିଶତ ମତଦାନ ହୋଇଥିବା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି। ତେବେ ବ୍ଲକ ଅଧୀନ କେତୋଟି ବୁଥ୍‌ରେ ସନ୍ଧ୍ୟା ୬ଟା ସୁଦ୍ଧା ମତଦାତାଙ୍କ ଭିଡ ଥିବାରୁ ସେହିସବୁ କେନ୍ଦ୍ରଗୁଡିକରେ ବିଳମ୍ବରେ ମତଦାନ ଶେଷ ହୋଇଛି । କେତେକ ସ୍ଥାନରେ କାଁ ଭାଁ ଗଣ୍ଡଗୋଳ ଘଟିଥିଲେ ମଧ୍ୟ ପ୍ରାୟତଃ ବ୍ଲକ ଅଞ୍ଚଳରେ ମତଦାନ ଶାନ୍ତିପୂର୍ଣ୍ଣ ରହିଥିଲା । ସକାଳ ୭ଟାରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିବା ବେଳେ କେତୋଟି ବୁଥ୍‌ରେ ଇଭିଏମ୍ ମେଶିନ୍‌ରେ ସାମାନ୍ୟ ଯାନ୍ତ୍ରିକ ତ୍ରୁଟି ଯୋଗୁ ମତଦାନ କିଛି ସମୟ ବିଳମ୍ବରେ ଆରମ୍ଭ ହୋଇଥିଲା । ସକାଳ ୮ଟାରେ ବର୍ଷା ଯୋଗୁ ମତଦାନ କେନ୍ଦ୍ରଗୁଡିକରେ ମତଦାତାଙ୍କ ସଂଖ୍ୟା ହ୍ରାସ ପାଇଥିଲା । ମଧ୍ୟାହ୍ନରେ ମଧ ବହୁ କେନ୍ଦ୍ରରେ ମତଦାତାଙ୍କ ଉପସ୍ଥିତି କମ୍ ରହିଥିଲା । ମାତ୍ର ଅପରାହ୍ନରେ ସବୁ କେନ୍ଦ୍ରରେ ମତଦାତାଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । ଏହି ବ୍ଲକରେ ସମୁଦାୟ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୧୮ ହଜାର ୩୭୫ । ସେଥିମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୫୬୮୧୨ ହୋଇଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୬୧୫୬୩ ରହିଛି । ଏହିବ୍ଲକରେ ଭୋଟ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବା ବେଳେ ନହଙ୍ଗ ପଞ୍ଚାୟତ ପଲ୍ଲୀରଘୁନାଥପୁର ଗ୍ରାମର ୩ ନଂ ବୁଥ୍‌ରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକଙ୍କ ଆକ୍ରମଣରେ ପ୍ରତିପକ୍ଷ ରାଜନୈତିକ ଦଳର ଜଣେ କର୍ମୀ ଗୁରୁତର ହୋଇଥିବା ନିକିରାଇ ଥାନାରେ ଅଭିଯୋଗ ହୋଇଛି । ସେହିପରି କୁଶିଆପାଳ ପଞ୍ଚାୟତର ୩୨ ନଂ ବୁଥ୍‌ରେ ରାଜନୈତିକ ହିଂସାରେ ଜଣେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଏହି ବ୍ଲକ ଅଞ୍ଚଳରେ ଖୋଲା ଯାଇଥିବା ସମୁଦାୟ ୧୦ଟି ଆଦର୍ଶ ବୁଥ୍‌ରେ ସୁରଖୁରୁରେ ମତଦାନ ସରିଥିବା ଜଣାପଡିଛି ।



ଡେରାବିଶର ଏକ ବୁଥ୍‌ରେ ଜଣେ ବୃଦ୍ଧା ଭୋଟ ଦେବାକୁ ଯାଉଛନ୍ତି।



ପୂର୍ବତନ ବିଧାୟକ ଉତ୍କଳକେଶରୀ ପରିଡା ଭୋଟ ଦେଇ ଫେରୁଛନ୍ତି।

ଧରିତ୍ରୀ
DHARITRI



### ବଳରାମପୁର ସଂରକ୍ଷିତ ଜଙ୍ଗଲରେ ବେଆଇନ କଳାପଥର ଖାଦାନ

# ହାତ ଟେକିଦେଲା ଜଙ୍ଗଲ ବିଭାଗ

ଯାଜପୁର ଅଫିସ,୨୦।୭

ଯାଜପୁର ଜିଲାର ଅନ୍ୟତମ ଐତିହାସିକ ବଳରାମପୁର ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ କଟକ ଫରେଷ୍ଟ ଡିଭିଜନ ଅସହାୟତା ପ୍ରକାଶ କରି ହାଟ ଟେକି ଦେଇଛି। ବାରମ୍ବାର କାର୍ଯ୍ୟାନୁଷ୍ଠାନ ଓ ପଦକ୍ଷେପ ଗ୍ରହଣ କରାଯିବା ସତ୍ତ୍ୱେ ବେଆଇନ କଳାପଥର ଖାଦାନ ଓ କ୍ରଶରଗୁଡ଼ିକ ନିୟନ୍ତ୍ରିତ ହୋଇପାରି ନାହିଁ। ସ୍ଥାନୀୟ କଳାପଥର ମାଫିଆଙ୍କ ଦୃଢ ଜାଲତନ୍ତ୍ର(ନେଟୱାର୍କ) ରହିଥିବାରୁ ବଳରାମପୁର ସଂରକ୍ଷିତ ଜଙ୍ଗଲର ସୁରକ୍ଷା ସମ୍ଭବ ହେଉନାହିଁ। ଏଣୁ ବଳରାମପୁର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ବେଆଇନ ଖଣିଜ ସମ୍ପଦ ଉତ୍ତୋଳନ ବନ୍ଦ କରିବା ସହ ଏନ୍‌ଓସି ରଦ୍ଦ କରିବାକୁ କଟକ ଡିଏଫ୍‌ଓ ତାଙ୍କ ପତ୍ରସଂଖ୍ୟା ୫୧୪୬/୪ଏଫ ଓଫେନ୍ସ/୨୦୧୯ରେ ଯାଜପୁର ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

ସବୁଜିମା ସୃଷ୍ଟିଓ ସୁରକ୍ଷା ନିମନ୍ତେ ସରକାରୀସ୍ତରରୁ ଆରମ୍ଭ କରି ବେସରକାରୀସ୍ତର ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମାତ୍ର ବାସ୍ତବପକ୍ଷେ ଦେଖିବାକୁ ଗଲେ ଯେତିକି ଜଙ୍ଗଲ ଅଛି ତାର ସୁରକ୍ଷା ଦିଗରେ ବନ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। କଳାପଥର ବ୍ୟବସାୟୀଙ୍କ ବେଆଇନ ପଥର ଉତ୍ତୋଳନ ଯୋଗୁ ବଳରାମପୁର ସଂରକ୍ଷିତ ଜଙ୍ଗଲ ଏବେ ବିଲୁପ୍ତି ପଥରେ। ହାଇକୋର୍ଟଙ୍କ ରହିତାଦେଶ ମଧ୍ୟ ଏଠାରେ ପ୍ରଭାବହୀନ ହୋଇପଡ଼ିଛି। ଏନେଇ ବାରମ୍ବାର ଅଭିଯୋଗ ହେବାପରେ ଜଙ୍ଗଲ ବିଭାଗ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଜିଲା ପ୍ରଶାସନର ସହଯୋଗ ଲୋଡ଼ିଛି। ଏହି ମର୍ମରେ ଜିଲାପାଳଙ୍କୁ ଦେଇଥିବା ଅନୁରୋଧପତ୍ରରେ ଆହୁରି ଦର୍ଶାଇଯାଇଛି ଯେ, ଭାରତୀୟ ଜଙ୍ଗଲ ଆଇନ-୧୯୨୭ ଅନୁସାରେ ୩୪୬.୦୧ ହେକ୍ଟର ପରିମିତ ବିଶିଷ୍ଟ ବଳରାମପୁର ସଂରକ୍ଷିତ ଜଙ୍ଗଲ ରାଜସ୍ୱ ବିଭାଗ ପକ୍ଷରୁ ଅଧିସୂଚିତ ହୋଇଥିଲା। ତେବେ ୨୦୦୦ରୁ ଏହି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବ୍ୟାପକ ଭାବେ ବେଆଇନ କଳାପଥର ଖାଦାନ ହୋଇଛି। ଏହା ବିରୋଧରେ ହାଇକୋର୍ଟରେ ଓଜେସି ନମ୍ବର ୧୨,୪୪୨/୨୦୦୦ରେ ଅଗନି ମିଶ୍ରଙ୍କ ଦ୍ୱାରା ଏକ ମାମଲା ରୁଜୁ ହୋଇଛି। ଏହାପରେ ହାଇକୋର୍ଟ ୨୬।୨।୨୦୦୬ ତାରିଖରେ ବେଆଇନ କଳାପଥର ଖାଦାନ ବନ୍ଦ କରିବାକୁ ଜଙ୍ଗଲ, ରାଜସ୍ୱ, ଖଣି ଓ ପୋଲିସ ଅଧିକାରୀଙ୍କୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଜଙ୍ଗଲ ବିଭାଗ ପକ୍ଷରୁ ବେଆଇନ କଳାପଥର ଖାଦାନ ଉପରେ ନିୟମିତ ଚଢ଼ାଉ କରାଯାଇ ସଂଖ୍ୟାଧିକ ମାମଲା ରୁଜୁ ହୋଇଛି। ଏହି ଜଙ୍ଗଲ ଅଞ୍ଚଳର ସୁରକ୍ଷା ପାଇଁ ଫରେଷ୍ଟର ଓ ବିଟ୍ ଫରେଷ୍ଟ ଗାର୍ଡ ସହ ୫ଟି ସ୍କ୍ୱାର୍ଡ ଗଠନ କରାଯାଇ ମୁତୟନ କରାଯାଇଥିଲା। ଏପରି କି ଡାଳିଯୋଡ଼ା ରେଞ୍ଜ ଓ କଟକ ଭିଜିଲାନ୍ସ ଡିଭିଜନ ପକ୍ଷରୁ ମଧ୍ୟ ନିୟମିତ ଚଢ଼ାଉ ହୋଇଥିଲା। ଏହିସବୁ ପଦକ୍ଷେପ ସତ୍ତ୍ୱେ ଜଙ୍ଗଲ ବିଭାଗର ଅଧିକାରୀ ଓ କର୍ମଚାରୀ ବଳରାମପୁର ସଂରକ୍ଷିତ ଜଙ୍ଗଲକୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି ବୋଲି ପତ୍ରରେ ଦର୍ଶାଇଛନ୍ତି। ସେ ଆହୁରି ଦର୍ଶାଇଛନ୍ତି ଯେ, ଗୁପ୍ତ ଭାବେ ତଦନ୍ତରୁ ବଳରାମପୁର ସଂରକ୍ଷିତ ଜଙ୍ଗଲ ସୀମା ମଧ୍ୟରେ ଏକାଧିକ ଷ୍ଟୋନ କ୍ରଶର ଗଢି ଉଠିଥିବା ଜଣାପଡ଼ିଛି। ତେଣୁ ଏହିସବୁ ବେଆଇନ କାରବାରକୁ ବନ୍ଦ କରିବାକୁ ଏନ୍‌ଓସି ରଦ୍ଦ କରିବା ସହ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ନିୟମିତ ଭାବେ ଯୁଗ୍ମ ଚଢ଼ାଉ ନିର୍ଦ୍ଦେଶ ଦେବାକୁ ଡିଏଫ୍‌ଓ ଜିଲାପାଳଙ୍କୁ ଗତ ୬ ତାରିଖରେ ଅନୁରୋଧ କରିଛନ୍ତି। ତେବେ ଏହି ଅନୁରୋଧ ପତ୍ରର ୧୫ ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ପାରି ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବଳରାମପୁର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଡିନାମାଇଟ ବିସ୍ଫୋରଣ ହେତୁ ଜଗନ୍ନାଥ ମନ୍ଦିର, ରାମଲକ୍ଷ୍ମଣ ଗୁମ୍ଫି, ପତିତପାବନ ଓ ବାଲୁକେଶ୍ୱର ମନ୍ଦିର, ଉତ୍ତର-ପୂର୍ବ ଦିଗରେ ଥିବା ସାରୋଇ ଗ୍ରାମର ସୋରାଇଶ୍ୱର ଓ କୁସୁନପୁର ଗ୍ରାମର ମା' ଚଣ୍ଡୀ ମନ୍ଦିର ପ୍ରଭାବିତ ହେଉଛି। ବନ ବିଭାଗ ଏହି ପାହାଡ଼କୁ ନିଷିଦ୍ଧାଞ୍ଚଳ ବୋଲି ବୋର୍ଡ ମାରିଥିଲେ ହେଁ ଖାତିର କରାଯାଉ ନାହିଁ। ଜଙ୍ଗଲ ଆଇନକୁ କଡ଼ାକଡ଼ି କରାଯାଇ ତୁରନ୍ତ ବେଆଇନ ଖାଦାନକୁ ବନ୍ଦ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏସଂକ୍ରାନ୍ତରେ ଡିଏଫ୍‌ଓ ଏସ୍‌ଏମ୍‌ଟି ରହେମାନ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ବଳରାମପୁର ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଜଙ୍ଗଲ ବିଭାଗ ପକ୍ଷରୁ ଅହରହ ଉଦ୍ୟମ ହେଉଥିଲେ ହେଁ ସଫଳତା ମିଳି ପାରୁନାହିଁ ବୋଲି ସେ କହିଛନ୍ତି।



- ଜିଲା, ପୋଲିସ ପ୍ରଶାସନର ସହାୟତା ଲୋଡ଼ିଲା
- ଜିଲାପାଳଙ୍କୁ ପତ୍ର ଲେଖିଲେ ଡିଏଫ୍‌ଓ




## ଦୋଷୀଙ୍କୁ ୧୦ ବର୍ଷ କାରାଦଣ୍ଡ, ୧ ଲକ୍ଷ ଜରିମାନା

ଭଦ୍ରକ ଅଫିସ, ୨୦।୭

**ନାବାଳିକା ବଳାତ୍କାର ମାମଲା**

ଶନିବାର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ପ୍ରଣତିସାହା ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ଦିଗମ୍ବର ମାଝିଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଶୁଣାଣି କରିଛନ୍ତି। ଉଲ୍ଲେଖନୀୟ ଯେ, ଧାମନଗର ଥାନା ଅଧୀନ ପଳିକିରି ଗ୍ରାମର ଦିଗମ୍ବର ୨୦୧୬ ଜାନୁୟାରୀ ୧୧ରେ ଜଣେ ୮ ବର୍ଷର ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତା ନାବାଳିକାଙ୍କ ପରିବାର ପକ୍ଷରୁ ଦୁଇଦିନ ପରେ ଅର୍ଥାତ୍ ୧୩ ତାରିଖରେ ଧାମନଗର ଥାନାରେ ଏତଲା ଦାଏର କରାଯାଇଥିଲା। ଧାମନଗର ପୋଲିସ ମାମଲା (ନଂ.୧୩/୨୦୧୬) ରୁଜୁ କରି ଅଭିଯୁକ୍ତ ଦିଗମ୍ବରଙ୍କୁ ଗିରଫ କରି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। କୋର୍ଟ ୧୭ ଜଣ ସାକ୍ଷ୍ୟଙ୍କ ପ୍ରମାଣକୁ ଭିତ୍ତିକରି ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ମନୋରଞ୍ଜନ ଦାସ ମାମଲା ପରିଚାଳନା କରିଥିଲେ।

## ତାମିଲନାଡୁରେ ଓଡ଼ିଆ ଯୁବକଙ୍କ ଆତ୍ମହତ୍ୟା

ପଦ୍ମପୁର, ୨୦।୭ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ଅଗାପୁର ଗ୍ରାମର ରମେଶ ଚନ୍ଦ୍ର ମାଝୀ ନାମକ ଜଣେ ଯୁବକ ତାମିଲନାଡୁରେ ଆତ୍ମହତ୍ୟା କରିଛନ୍ତି। ସେ ତାମିଲନାଡୁର କୋଏମ୍ବାଟୁର ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ କାମ କରିବା ସହ ତାଙ୍କ ଭାଇ ଭାଉଜଙ୍କ ସହ ରହୁଥିଲେ। ଗତ ଗୁରୁବାର କୌଣସି କାରଣରୁ ସେ ରହୁଥିବା ଘରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା କୁହାଯାଇଛି। କୋଏମ୍ବାଟୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଆନୁର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଶନିବାର ଅପରାହ୍ନରେ ରମେଶଙ୍କ ମୃତଦେହ ଗ୍ରାମ ଅଗାପୁରଠାରେ ପହଞ୍ଚିଥିଲା। ତାଙ୍କର ଏଭଳି ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ମାର୍କଣ୍ଡପୁର ପ୍ୟାକ୍ସ ଦୁର୍ନୀତି ମାମଲା

# ଅଗଷ୍ଟ ୧୭ରେ ପରବର୍ତ୍ତୀ ଶୁଣାଣି

ଯାଜପୁର ଅଫିସ,୨୦।୭

**ତଥ୍ୟ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ହେବ ନୋଟିସ୍**

ଯାଜପୁର ଜିଲା ମାର୍କଣ୍ଡପୁର ପ୍ୟାକ୍ସରେ ଏକ ପରିବାରର ୪ ଜଣ ସଦସ୍ୟଙ୍କ ନାମରେ ଆବଶ୍ୟକ ଜମି ନ ଥାଇ ୧୧୧୨କୁଇଣ୍ଟାଲ ଧାନ କିଣି ଅର୍ଥ ହରିଲୁଟ ମାମଲାର ଶୁଣାଣି ତାରିଖ ଅଗଷ୍ଟ ୧୭କୁ ଘୁଞ୍ଚିଛି। ଆବଶ୍ୟକ ତଥ୍ୟ ଦାଖଲ ହୋଇ ନ ପାରିବାରୁ ମାମଲାର ଶୁଣାଣିକୁ ଘୁଞ୍ଚା ଯାଇଥିବା ଜଣାପଡ଼ିଛି। ତେବେ ପରବର୍ତ୍ତୀ ତାରିଖରେ ଯେପରି ଆବଶ୍ୟକ ତଥ୍ୟ ଦାଖଲ ହୋଇପାରିବ ସେ ନେଇ ଯୋଗାଣ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନୋଟିସ ହେବ ବୋଲି ହାଇକୋର୍ଟଙ୍କ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ଯାଜପୁର ଜିଲା ସଦର ଯାଜପୁର ବ୍ଲକ ଅନ୍ତର୍ଗତ ମାର୍କଣ୍ଡପୁର ପ୍ୟାକ୍ସରେ ୨୦୧୫-୧୬ ଖରିଫ ଧାନକିଣାରେ ଏକ ପରିବାରର ୪ ଜଣ ଚାଷୀଙ୍କ ନାମରେ ୧୧୧୨ କୁଇଣ୍ଟାଲ ଧାନ କିଣା ହୋଇଥିଲା । ଯାହାର ଅନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ। ଏଥିରେ ମାର୍କଣ୍ଡପୁର ମହାପୁରୁଷ ମଣିଦାସ ବିଦ୍ୟାପୀଠରେ ରାତ୍ର ଜଗୁଆଳି କାର୍ଯ୍ୟରତ ଦିଲୀପ କୁମାର ରାଉତଙ୍କ ନାମରେ ୨୪୩କୁଇଣ୍ଟାଲ, ତାଙ୍କ ପତ୍ନୀ କବିତା ରାଉତଙ୍କ ନାମରେ ୨୭୦କୁଇଣ୍ଟାଲ ଏବଂ ଦୁଇପୁଅ ଦୀପକ କୁମାର ରାଉତଙ୍କ ନାମରେ ୨୯୬ କୁଇଣ୍ଟାଲ ଓ ତପନ କୁମାର ରାଉତଙ୍କ ନାମରେ ୩୦୦ କୁଇଣ୍ଟାଲ ଧାନ କିଣା ହୋଇଥିଲା। ସେତେବେଳେ ଏକର ପିଛା ୧୨ କୁଇଣ୍ଟାଲ ହିସାବରେ ଏହି ୪ଜଣ ଚାଷୀ ପ୍ରାୟ ୯୨ ଏକର ଜମିରେ ଧାନ ଚାଷ କରିଥିଲେ। ତେବେ ଏହି ପରିବାରର ଏତେ ପରିମାଣର ଜମି ନାହିଁ। ଏହି ମହାଦୁର୍ନୀତି ସମ୍ପର୍କରେ ଜିଲା ପ୍ରଶାସନ ନ ଶୁଣିବାରୁ ଅଭିଯୋଗକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁସାରେ ହାଇକୋର୍ଟରେ ଶନିବାର ଏହି ଦୁର୍ନୀତି ଅଭିଯୋଗର ଆବଶ୍ୟକ କାଗଜପତ୍ର ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ହେଲେ ପୂର୍ବରୁ ଜିଲା ଯୋଗାଣ ଅଧିକାରୀ ଓ ସଂପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଚାଷୀ ପଞ୍ଜୀକରଣ ତଥ୍ୟ, ଆକାଉଣ୍ଟ ଆଦି ତଥ୍ୟ ଦେବାରେ ସହଯୋଗ କରି ନ ଥିବାରୁ ମାମଲାର ଶୁଣାଣିକୁ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି।

### ପରିବହନ ଅଧିକାରୀ, ପୋଲିସ ପକ୍ଷରୁ ତନଖି

## ୫୩ ହଜାର ଟଙ୍କା ଜରିମାନା ଆଦାୟ

**ଧର୍ମଶାଳା/ଚଢ଼େଇଧରା,୨୦।୭(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥ ଚଢେଇଧରାଠାରେ ଶନିବାର ଚଣ୍ଡିଖୋଲ ପରିବହନ ଅଧିକାରୀ ଓ ପୋଲିସ ପକ୍ଷରୁ ମୋଟରସାଇକେଲ କାଗଜପତ୍ର ତନଖି କରାଯାଇ ୫୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଣ୍ଡିଖୋଲ ଆରଟିଓ ଲାଲମୋହନ ସେଠୀ, ଏମଭିଆଇ ସାବିତ୍ରୀ ହେମ୍ବ୍ରମ୍, ଏଲ୍ ପଟ୍ଟନାୟକ, ଟିଆଇ ପ୍ରଦୀପ ପଟ୍ଟନାୟକ, ଜେନାପୁର ଥାନାଧିକାରୀ ସୁଶାନ୍ତ ଦାସ, ଚଢ଼େଇଧରା ଫାଣ୍ଡି ଅଧିକାରୀ ସୁଧୀର କୁମାର ରାଉତରାୟ ପ୍ରମୁଖ ମୋଟରସାଇକେଲ ଚାଳକଙ୍କୁ ଯାଞ୍ଚ କରିଥିଲେ। ଲାଇସେନ୍ସ ନ ଥିବା ଚାଳକଙ୍କଠାରୁ ୧୫୦୦ ଟଙ୍କା, ମୋବାଇଲରେ କଥା ହେଉଥିବା ଚାଳକଙ୍କଠାରୁ ୧୦୦୦ ଟଙ୍କା, ହେଲମେଟ କରି ନ ଥିବାରୁ ୫୦୦, ଇନ୍‌ସୁରାନ୍ସ ନ ଥିବା ଗାଡିଠାରୁ ୧୦୦୦, ନଂ. ବିହୀନ ଗାଡ଼ିଠାରୁ ୨୫୦୦-୫୦୦୦ ଯାଏ ଜରିମାନା ଆଦାୟ କରାଯାଇଥିଲା। ୭୬ ମୋଟରାଇକେଲ ଯାଞ୍ଚ କରାଯାଇଥିବାବେଳେ ୪୦ ଗାଡ଼ିଠାରୁ ୫୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ୩୬ଟି ମୋଟରସାଇକେଲ୍ ଫାଣ୍ଡିରେ ଅଟକ ରଖାଯାଇ ଜରିମାନା ଆଦାୟ ଚାଲିଛି ବୋଲି ଆରଟିଓ ସେଠୀ ସୂଚନା ଦେଇଛନ୍ତି।




## ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୦।୭(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଓଲାଶୁଣୀ ଛକ ନିକଟରୁ ବାଲିଚନ୍ଦ୍ରପୁର ପୋଲିସ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଦୋବନ୍ଧା ଗ୍ରାମର ସନ୍ତୋଷ କୁମାର ମଲ୍ଲିକ (୩୬)। ସୂଚନାଯୋଗ୍ୟ, ୨୦୧୮ ମେ ୧୭ରେ ସନ୍ତୋଷ ଓ ତାଙ୍କର ୨ ଜଣ ସହଯୋଗୀ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୫ ନଂ. (କ) ଜାତୀୟ ରାଜପଥର ଓଲାଶୁଣୀ ଛକ ନିକଟରେ ଜଣେ ବ୍ୟକ୍ତିଙ୍କୁ ଅଟକାଇ ତାଙ୍କଠାରୁ ଟଙ୍କା ଓ ମୋବାଇଲ ଲୁଟ୍ କରିଥିଲେ। ଏ ନେଇ ବାଲିଚନ୍ଦ୍ରପୁର ଥାନାରେ ଏକ ମାମଲା (ନଂ. ୬୬/୧୮) ରୁଜୁ ହେବା ସହ ୨ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ପରେ ସନ୍ତୋଷ ଫେରାର ହୋଇଯାଇଥିଲେ। ସେ ଶୁକ୍ରବାର ଓଲାଶୁଣୀ ଛକ ନିକଟରେ ବୁଲୁଥିବା ଖବରପାଇ ବାଲିଚନ୍ଦ୍ରପୁର ଥାନା ଏଏସଆଇ ଗୋବିନ୍ଦ ମାଝି ତାଙ୍କୁ ଗିରଫ କରିଥିଲେ।

### କଣ୍ଡରା ଗ୍ରାନାଇଟ୍ ପଥର ଖଣି ନଂ୨ରେ ଚଞ୍ଚକତା

# ୨୦କୋଟିର ବେଆଇନ ଉତ୍ତୋଳନ

ଯୋଡ଼ା, ୨୦।୭(ଡି.ଏନ୍.ଏ.)

କେନ୍ଦୁଝର ଜିଲା ବଡ଼ବିଲ ତହସିଲ ତଥା ଯୋଡ଼ା ବ୍ଲକ ଅନ୍ତର୍ଗତ କଣ୍ଡରାଠାରେ ଥିବା ଏକ ଗ୍ରାନାଇଟ୍ ପଥର ଖଣିରୁ ବେଆଇନ ଭାବେ ପଥର ଉତ୍ତୋଳନ କରାଯାଉଥିବା ଅଭିଯୋଗ ହୋଇଛି। ଦୀର୍ଘ ୮ମାସ ଧରି ପ୍ରାୟ ଦେଢ ଲକ୍ଷ କ୍ୟୁବିକ୍ ମିଟର ଗ୍ରାନାଇଟ ପଥର ବେଆଇନ ଉତ୍ତୋଳନ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଅଭିଯୋଗକୁ ଭିତ୍ତି କରି ଶନିବାର ଚମକପୁର ରାଜସ୍ୱ ନିରୀକ୍ଷକ ଭଦ୍ର ନାଏକ, ଅମିନ, ବଡବିଲ୍ ତହସିଲ କାର୍ଯ୍ୟାଳୟର ସୁପରଭାଇଜର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ପ୍ରକାଶ ଯେ, ରାଜ୍ୟ ସରକାର ଓଡ଼ିଶା କନଷ୍ଟ୍ରକଶନ୍ କର୍ପୋରଶନ ଲିଃ(ଓସିସିଏଲ) ନାମକ କମ୍ପାନୀକୁ ୨୦୧୧ଠାରୁ ୨୦୧୫ ମସିହା ପର୍ଯ୍ୟନ୍ତ କାନପୁର ଡ୍ୟାମ୍ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ କଣ୍ଡରା ଗ୍ରାନାଇଟ୍ ପଥର ଖଣି ନଂ(୧), ପ୍ଲଟ୍ ନଂ ୧୨୭/୨୮ ଓ କଣ୍ଡରା ଗ୍ରାନାଇଟ୍ ପଥର ଖଣି ନଂ (୨) , ପ୍ଲଟ୍ ନଂ ୧୩୪/୩୫କୁ ଲିଜ୍ ଦିଆଯାଇଥିଲା। ଏହି ଦୁଇଟି ଖଣିକୁ ଉକ୍ତ କମ୍ପାନୀକୁ ସେତେବେଳେ ବର୍ଷିକିଆ ଲିଜ୍ ଦିଆଯାଉଥିଲା। ୨୦୧୫ ପର୍ଯ୍ୟନ୍ତ ଏହି ବର୍ଷିକିଆ କାର୍ଯ୍ୟ ଚାଲିବା ପରେ ମାଇନିଂ ପ୍ଲାନ ଓ ଅନ୍ୟାନ୍ୟ ବୈଧାନିକ ଅନୁମୋଦନ ପରେ ଓସିସିଏଲକୁ ଉକ୍ତ ଦୁଇଟି ଗ୍ରାନାଇଟ୍ ପଥର ଖଣି ୨୦୨୦ ପର୍ଯ୍ୟନ୍ତ ଦିଆଯାଇଛି। ଓସିସିଏଲର କାର୍ଯ୍ୟରେ ମନ୍ଥର ଗତି ଯୋଗୁ ଉକ୍ତ ପଥର ଖଣି ଦ୍ୱୟରେ ଗ୍ରାନାଇଟ୍ ଖୋଳା କାର୍ଯ୍ୟ କରିପାରି ନ ଥିଲା। ଉକ୍ତ ଗ୍ରାନାଇଟ୍ ପଥର ଖଣିଦ୍ୱୟର ରାଜସ୍ୱ ବାବଦକୁ ମାତ୍ର ୪ ଲକ୍ଷ ୩୦ ହଜାର ଟଙ୍କା ବଡବିଲ୍ ତହସିଲ୍‌ରେ ପୈଠ କରାଯାଇଥିବା ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ୨୦୧୮ ଅଗଷ୍ଟ ମାସରେ ଚମ୍ପୁଆ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବଡ଼ବିଲ ତହସିଲଦାର ଓସିସିଏଲର ମ୍ୟାନେଜରଙ୍କୁ ଡକାଇ ଏକ ଆଲୋଚନା କରିଥିଲେ। ଏଥିରେ ଓସିସିଏଲ୍‌କୁ ଲିଜ୍ ଦିଆଯାଇଥିବା ଦୁଇଟି ପଥର ଖଣି ମଧ୍ୟରୁ କଣ୍ଡରା ଗ୍ରାନାଇଟ୍ ପଥର ଖଣି(୨) ବଡ଼ ଖଣି ହୋଇଥିବାରୁ ଏହାକୁ ଛାଡି ଦେବା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଥିବା ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ତେବେ ଏସମ୍ପର୍କରେ ଓସିସିଏଲକୁ କୌଣସି ଲିଖିତ ଚିଠି ଦିଆ ନ ଯାଇ ଅସ୍ଥାୟୀ ଭାବେ ପ୍ରଶାସନ ପକ୍ଷରୁ ୫୨୦ନଂ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ କରୁଥିବା ଠିକାସଂସ୍ଥା ମେସର୍ସ ମଣ୍ଟେକାର୍ଲୋଙ୍କୁ କଣ୍ଡରା ଗ୍ରାନାଇଟ୍ ପଥର ଖଣି ନଂ(୨)କୁ ୩ମାସିଆ ଅସ୍ଥାୟୀ ପରମିଟ୍ ଆକାରରେ ଦିଆଯାଇଛି। ତେବେ ଠିକାସଂସ୍ଥା ପକ୍ଷରୁ ପଥର ଖଣି ନଂ (୨)ରୁ ଗ୍ରାନାଇଟ୍ ପଥର ଖୋଳିବା ପରିବର୍ତ୍ତେ କଣ୍ଡରା ଗ୍ରାନାଇଟ୍ ପଥର ଖଣି ନଂ (୧)ରୁ ଦୀର୍ଘ ୮ମାସ ହେଲା ବେଆଇନ ଭାବେ ପଥରଖୋଳା ଚାଲିଛି। ଉକ୍ତ ଖଣିରୁ ବେଆଇନ ଭାବେ ପଥର ଖୋଳାଯାଇଥିବା ନେଇ ଓସିସିଏଲ୍ ପକ୍ଷରୁ ସିନିୟର ମ୍ୟାନେଜର ନିରଞ୍ଜନ ମିଶ୍ର ଗତ ୧୦ତାରିଖରେ ବଡବିଲ ତହସିଲ ଓ ଚମ୍ପୁଆ ଉପଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ବେଆଇନଭାବେ ପ୍ରାୟ ଦେଢଲକ୍ଷ କ୍ୟୁବିକ ମିଟରରୁ ଦୁଇ ଲକ୍ଷ କ୍ୟୁବିକ୍ ମିଟର ଗ୍ରାନାଇଟ୍ ପଥର ଉକ୍ତ ଖଣିରୁ ଖୋଳାଯାଇଥିବା ଓସିସିଏଲ୍‌ର ସବ୍‌କଣ୍ଟ୍ରାକ୍ଟର ସଦର୍ଣ୍ଣ ଇଞ୍ଜିନିୟରିଂ ୱାର୍କସ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡର ପ୍ରୋଜେକ୍ଟ ମ୍ୟାନେଜର ଶିବ ପ୍ରସାଦ ନାୟକ କହିଛନ୍ତି। ଏନେଇ ଠିକାସଂସ୍ଥା ମେସର୍ସ ମଣ୍ଟେକାର୍ଲୋର କୌଣସି ମତାମତ ମିଳିପାରି ନାହିଁ।



- ଖଣି ଲିଜ୍ ଗୋଟିଏ ଜାଗାରେ, ଖୋଳାଗଲା ଅନ୍ୟ ଜାଗାରେ
- ଅଭିଯୋଗ ପରେ ପ୍ରଶାସନିକ ତତ୍ପରତା
- ଘଟଣାସ୍ଥଳରେ ତଦନ୍ତ ଆରମ୍ଭ






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ସାପର ବିଷ ତାର ଦନ୍ତରେ ଥାଏ। ମାଛିର ବିଷ ତାର ମସ୍ତକରେ ଥାଏ, ବିଛାର ବିଷ ଲାଙ୍ଗୁଡରେ ଥାଏ। କିନ୍ତୁ ଦୁର୍ଜନର ବିଷ ତା' ସର୍ବାଙ୍ଗରେ ଥାଏ। - **ଚାଣକ୍ୟ**



## ସଂକ୍ଷେପରେ

### ଗାନ୍ଧୀ ଦର୍ଶନର ପ୍ରସାର ପାଇଁ କମିଟି ଗଠିତ

**ଯାଜପୁର ଅଫିସ,୨୦।୭:** ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେଣୁ ଗାନ୍ଧୀ ଦର୍ଶନର ପ୍ରସାର ପାଇଁ ଜିଲାପାଳ ରଞ୍ଜନ କୁମାର ଦାସ ଏକ କମିଟି ଗଠନ କରିଛନ୍ତି। କମିଟିରେ ଜିଲାପାଳ ଅଧକ୍ଷ ଥିବାବେଳେ କଳିଙ୍ଗ ନଗର ଓ ଯାଜପୁରର ଅତିରିକ୍ତ ଜିଲାପାଳ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଉପଜିଲାପାଳ ଉପାଧକ୍ଷ ରହିଛନ୍ତି। ଉପଦେଷ୍ଟା ଭାବେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ଓ ଦଧିଚି ସାହୁ ରହିଛନ୍ତି। ସଦସ୍ୟ ଭାବେ ସମାଜସେବୀ ବାଇଧର ମହାପାତ୍ର, ଗାନ୍ଧୀ ଦର୍ଶନ ପ୍ରେମୀ ଗୁଣନିଧି ଗୁରୁ, ସେକ୍ ମହମ୍ମଦ ଲୋକମାନ, ଭାରତୀ ବୋଷ, ମିହିର ପ୍ରତାପ ଦାସ, ସମାଜସେବୀ ଅନିରୁଦ୍ଧ ସାମନ୍ତରାୟ ରହିଥିବାବେଳେ ଜିଲା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଅଧିକାରୀ ସଦସ୍ୟ ସଂଯୋଜକ ଭାବେ ରହିଛନ୍ତି।

### ଥାଲାସେମିଆ ରୋଗୀଙ୍କୁ ବିଧାୟକଙ୍କ ରକ୍ତଦାନ

**ଯାଜପୁର ଟାଉନ,୨୦।୭(ଡିଏନଏ):** ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଶନିବାର ଜଣେ ୭ବର୍ଷିୟା ଥାଲାସେମିଆ ରୋଗାଗ୍ରାନ୍ତ ଝିଅକୁ ରକ୍ତଦାନ କରିଛନ୍ତି। ଯାଜପୁର ନିର୍ବାଚନମଣ୍ଡଳୀ ଆଙ୍ଗୁଲା ଗ୍ରାମର ବର୍ଷା ମଲ୍ଲିକ ଥାଲାସେମିଆ ରୋଗରେ ପୀଡିତ ଅଛନ୍ତି। ସେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଯାଜପୁର ବିଧାୟକ ଦାସ ବର୍ଷାର ସ୍ୱାସ୍ଥ୍ୟ ବିଷୟରେ ଡାକ୍ତରଙ୍କ ପରାମର୍ଶ କରିବା ପରେ ତାଙ୍କୁ ମାସିକ ୨ ୟୁନିଟ୍ ରକ୍ତ ଦରକାର ବୋଲି ଡାକ୍ତର କହିଥିଲେ। ପରେ ଦାସ ବର୍ଷା ପାଇଁ ରକ୍ତଦାନ କରି ଚିକିତ୍ସାରେ ଯେଭଳି କିଛି ବିଭ୍ରାଟ ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ଡାକ୍ତରଙ୍କୁ କହିଥିଲେ।

### ସିୱାଇଏସ୍‌ଡି ତରଫରୁ ଇଣ୍ଟରନେଟ୍ ସାଥୀ ଟ୍ରେନିଂ

**ସୁକିନ୍ଦା,୨୦।୭(ଡିଏନଏ):** ଭୁବନେଶ୍ୱରସ୍ଥିତ ସେଣ୍ଟର ଫର୍ ୟୁଥ୍ ଆଣ୍ଡ ସୋସିଆଲ ଡେଭଲପ୍‌ମେଣ୍ଟ (ସିୱାଇଏସ୍‌ଡି), ଟାଟା ଟ୍ରଷ୍ଟ ଓ ଗୁଗୁଲର ମିଳିତ ଉଦ୍ୟମରେ ଯାଜପୁର ଜିଲା ସୁକିନ୍ଦା ବ୍ଲକ କୁହିକା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଇଣ୍ଟରନେଟ ସାଥି ଟ୍ରେନିଂ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳ ମହିଳାଙ୍କୁ ଇଣ୍ଟରନେଟ ସହ ବିଭିନ୍ନ ଆପ୍ ଉପରେ ସୂଚନା ଦିଆଯାଇଥିଲା। ମହିଳାଙ୍କୁ ସ୍ୱାବଲମ୍ବୀ କରି ସେମାନଙ୍କ ଜୀବିକାକୁ ସୁଦୃଢ କରିବା ସହ ମୋବାଇଲ ଓ ଇଣ୍ଟରନେଟ ସମ୍ପର୍କରେ ଟ୍ରେନିଂ ଦେବାକୁ ଟାଟା ଟ୍ରଷ୍ଟ, ଗୁଗୁଲ୍ ସହଯୋଗରେ ସିୱାଇଏସ୍‌ଡି ଯାଜପୁର, ଖୋର୍ଦ୍ଧା, କେନ୍ଦୁଝର, ମୟୁରଭଞ୍ଜ ଭଳି ସର୍ବମୋଟ ୫ଟି ଜିଲାରେ କାର୍ଯ୍ୟ ଆରମ୍ଭ କରାଯାଇଛି। ସୁକିନ୍ଦା ବ୍ଲକ କୋର୍ଡିନେଟର ତପସ୍ୱିନୀ ମହାନ୍ତ, ଜିଲା ସଂଯୋଜକ ଅଶ୍ୱିନୀ କୁମାରଙ୍କ ତତ୍ତ୍ୱାବଧାନରେ ବିଜୟ ସାହୁ, ବିପିନ ବିନ୍ଧାଣି ପ୍ରମୁଖ ବ୍ଲକର ବିଭିନ୍ନ ଜାଗାରୁ ଆସିଥିବା ୩୦ଜଣ ମହିଳାଙ୍କୁ ଇଣ୍ଟରନେଟ ସାଥି ଟ୍ରେନିଂ ଦିଆଯାଇଥିଲା। ଟ୍ରେନିଂ ଶିବିରଟି ଗତ ଶୁକ୍ରବାରରୁ ଆରମ୍ଭ ହୋଇ ଶନିବାର ଅପରାହ୍ନରେ ସମାପ୍ତ ହୋଇଥିଲା।

## ସ୍କୁଲରେ ଜଳଯୋଗାଣ, ପରିମଳ ବ୍ୟବସ୍ଥା

# ହାଇକୋର୍ଟଙ୍କୁ ମିଥ୍ୟା ତଥ୍ୟ ପ୍ରଦାନ

**ଯାଜପୁର ଅଫିସ,୨୦।୭**

ଯାଜପୁର ଜିଲାର ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ପାନୀୟ ଜଳ ସୁବିଧା ରହିଛି । ହାଇକୋର୍ଟରେ ଡବ୍ଲ୍ୟୁପି(ସି)ନମ୍ବର ୧୫୩୯୫/୧୫ରେ ହୋଇଥିବା ଏକ ଜନସ୍ୱାର୍ଥ ମାମଲା ସଂକ୍ରାନ୍ତରେ ଯାଜପୁର ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି) ଏଭଳି ତଥ୍ୟ ପ୍ରଦାନ କରିଛନ୍ତି । ଯାହାକି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏବେବି ଶତାଧିକ ବିଦ୍ୟାଳୟରେ ସ୍ୱଚ୍ଛ ପାନୀୟ ଜଳ ସହିତ ଜଳଯୋଗାଣ ସୁବିଧା ହୋଇପାରି ନାହିଁ।

ଯାଜପୁର ଜିଲାର ସମସ୍ତ ସ୍କୁଲରେ ପାଇଖାନା ଓ ଜଳଯୋଗାଣ ବ୍ୟବସ୍ଥା କରିବାକୁ ସରକାରୀ ଓ ବେସରକାରୀସ୍ତରରେ କୋଟି କୋଟି ଟଙ୍କା ଅନୁଦାନ ଆସୁଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଯୋଜନାର ସଫଳତା ବିପଦାମୁଖୀ ହୋଇଛି। ବିଶେଷକରି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ପାଇଖାନା ନିର୍ମାଣ ଓ ସେଥିରେ ଜଳଯୋଗାଣ ବ୍ୟବସ୍ଥାକୁ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏହିକ୍ରମରେ ଯାଜପୁର ଜିଲାର ୨ଟି ପୌରାଞ୍ଚଳ ଓ ୧୦ଟି ବ୍ଲକ ଅଧିନରେ ଥିବା ୨୧୦୫ଟି ସ୍କୁଲରେ ଶତପ୍ରତିଶତ ପାଇଖାନା ନିର୍ମାଣ କରି ସେଥିରେ ଜଳଯୋଗାଣ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଥିଲା। ସରକାରୀ ଅନୁଦାନ ବ୍ୟତୀତ ଏମ୍‌ସିଏଲ୍ ପତ୍ରସଂଖ୍ୟା ୧୦୦୬/୨୧।୭।୨୦୧୫ ତାରିଖରେ ରାଜ୍ୟର ୪୪୪୬ଟି ସ୍କୁଲରେ ପାଇଖାନା ନିର୍ମାଣ କରିବାକୁ ଓପେପାକୁ ଅନୁଦାନ ମଞ୍ଜୁର କରିଥିଲା। ଏଥିରେ ଯାଜପୁର ଜିଲାର ୨୬୭ଟି ପାଇଖାନା ରହିଥିଲା। କିନ୍ତୁ ବିଡ଼ମ୍ବନା ଯେ, ଏହି ମହତ ଯୋଜନା ଆରମ୍ଭ ହେବାର ୪ବର୍ଷ ଅତିକ୍ରାନ୍ତ ହୋଇଥିଲେ ହେଁ ତାହା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଅନ୍ୟପକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍କୁଲଗୁଡ଼ିକରେ ନିର୍ମିତ ହୋଇଥିବା ଅଧିକାଂଶ ପାଇଖାନା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। କେତେକ ପାଇଖାନାର କବାଟ ଝରକାରେ ଉଇହୁଙ୍କା ଲାଗି ନଷ୍ଟ ହେବାକୁ ବସିଛି। ପାଇଖାନାର ଭିତର ଅଂଶର ଅବସ୍ଥା ନ ଦେଖିଲେ ସହଜରେ ବିଶ୍ୱାସ କରିହେବ ନାହିଁ। ପିଲାମାନେ ବାହାରେ ଶୌଚ କରିବାକୁ ବାଧ ହୋଇ ବିଭିନ୍ନ ସଂକ୍ରମଣର ଶିକାର ହେଉଥିବା ଦେଖିବାକୁ ମିଳୁଛି।

### ବିଭାଗୀୟ ଅଧିକାରୀଙ୍କ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ



ଏଭଳି ଅବ୍ୟବସ୍ଥାକୁ ନେଇ ହାଇକୋର୍ଟ ଲିଗାଲ ସର୍ଭିସ କମିଟି ବନାମ ଓଡିଶା ମୁଖ୍ୟ ସଚିବ ଓ ଅନ୍ୟମାନଙ୍କ ନାମରେ ଏକ ଜନସ୍ୱାର୍ଥ ମାମଲା(ନମ୍ବର-ଡବ୍ଲ୍ୟୁ.ପି.(ସି) ୧୫୩୯୫/୧୫)ରେ ରୁଜୁ ହୋଇଥିଲା । ଏହି ମାମଲା ସଂକ୍ରାନ୍ତରେ ଯାଜପୁର ଡିପିସି ସୂତାର ତାଙ୍କ ପତ୍ରସଂଖ୍ୟା ୧୩୫୯/୧୦।୭।୨୦୧୯ ତାରିଖରେ ତଥ୍ୟ ଦାଖଲ କରିଛନ୍ତି। ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ ଜିଲାର ୨୧୦୫ଟି ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ସ୍କୁଲ ମଧ୍ୟରୁ ୧୭ଟି ବାଳକ ଓ ୧୭ଟି ବାଳିକା ସ୍କୁଲରେ ପାଇଖାନା(ଟଏଲେଟ) ନାହିଁ । ତେବେ ପାନୀୟ ଜଳ ସୁବିଧା ସମସ୍ତ ସ୍କୁଲରେ ଥିବା ରିପୋର୍ଟ ଫର୍ମାଟର ୮ ନମ୍ବର କଲମରେ ଦର୍ଶାଯାଇଛି। ଏହାବ୍ୟତୀତ ୧୪୧୫ଟି ସ୍କୁଲରେ ଖେଳପଡିଆ ଓ ୧୯ଟି ସ୍କୁଲର ନିଜସ୍ୱ ବିଲଡିଂ ନାହିଁ ବୋଲି ଉଲ୍ଲେଖ କରାଯାଇଛି। ୨୦୧୬ରୁ ୫୧୦ ଜଣ ଶିକ୍ଷାସହାୟକଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମଧ୍ୟ ରିପୋର୍ଟ ପ୍ରଦାନ କରାଯାଇଛି। ତେବେ ଅନୁସନ୍ଧାନରୁ ମିଳିଥିବା ରିପୋର୍ଟ ଅନୁସାରେ ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ଗ୍ରାମ ପଞ୍ଚାୟତର ଅରଡାପାଳ, ନାଡୁର, କଂସା ପଞ୍ଚାୟତର ସାରୁଆବିଲ ହାଇସ୍କୁଲ, କାଙ୍କଡପାଳ ଗ୍ରାମ ପଞ୍ଚାୟତର ଗରାମିଆଁ, କାଦୁଅବନ୍ଦି, କରଡାଗାଡିଆ, ଝରଣାସାହି ପ୍ରଭୃତି ସ୍କୁଲରେ ସ୍ୱଚ୍ଛ ଜଳଯୋଗାଣ ବ୍ୟବସ୍ଥା ଏଯାଏ ହୋଇପାରି ନାହିଁ। କିନ୍ତୁ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ(ଡିପିସି) ବିଷ୍ଣୁଚରଣ ସୂତାର ଭିନ୍ନ ରିପୋର୍ଟ ପ୍ରଦାନ କରିଛନ୍ତି। ଯାହାକି ଅଦାଲତଙ୍କୁ ପ୍ରକୃତ ତଥ୍ୟ ପ୍ରଦାନ କରିବାରେ ଚଞ୍ଚକତା କରାଯାଇଥିବା ଜଣାପଡ଼ିଛି। ଡିପିସି ପଦବୀରେ ଦୀର୍ଘ ୫ବର୍ଷ ସହ ମୋଟ ୧୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଯାଜପୁର ଜିଲା ଶିକ୍ଷା ବିଭାଗରେ ବଭିନ୍ନ ପଦପଦବୀରେ ସୂତାର ଅବସ୍ଥାପିତ ହୋଇ ଆସୁଛନ୍ତି। ଅଥଚ ଅଦାଲତକୁ ଏଭଳି ମିଥ୍ୟା ରିପୋର୍ଟ ପ୍ରଦାନ କରି ନିଜକୁ ସ୍ୱଚ୍ଛ ପ୍ରମାଣିତ କରିବା ଏକ ଅପରାଧୀକ କାର୍ଯ୍ୟ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଏନେଇ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି ଯେଉଁ ସ୍କୁଲରେ ଜଳଯୋଗାଣ ବ୍ୟବସ୍ଥା ନାହିଁ ସେଠାକୁ ବିଭିନ୍ନ ମାଧ୍ୟମରେ ଜଳଯୋଗାଣ କରାଯାଉଛି । ତେବେ ଶତପ୍ରତିଶତ ସ୍କୁଲରେ ସ୍ୱଚ୍ଛ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି ।

### ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିଦର୍ଶନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

**ଚଣ୍ଡିଖୋଲ,୨୦।୭(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟକୁ ଶନିବାର ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଶନିବାର ଅଚାନକ ପରିଦର୍ଶନରେ ଯାଇଛନ୍ତି। ସେ ହଠାତ୍ ମହାବିଦ୍ୟାଳୟ ପରିସରରେ ପହଞ୍ଚିବା ସହ ଯୁକ୍ତ ୩ ଶେଷ ବର୍ଷ କଳା ଛାତ୍ରୀଛାତ୍ରଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ପାରିପାର୍ଶ୍ୱିକ ପରିବେଶ ଓ ଭିତ୍ତିଭୂମି ଦେଖି ଆନନ୍ଦ ପ୍ରକାଶ କରିଥିଲେ। ଚାରାରୋପଣ ଓ ପରିବେଶ ସୁରକ୍ଷା ଉପରେ ମନ୍ତ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ। କଲେଜର ବିକାଶକୁ ତ୍ୱରାନ୍ୱିତ କରିବାରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସାମିଲ କରିବା ପାଇଁ କଲେଜ ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟିଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗର ବରିଷ୍ଠ ଅଧ୍ୟାପକ ପବିତ୍ର ମାହାଲା, ସାନ୍ତନୁ ରାଉତ ପ୍ରମୁଖ ମନ୍ତ୍ରୀଙ୍କୁ କଲେଜ ପରିସର ଓ ଶ୍ରେଣୀ ଗୃହ ବୁଲାଇ ଦେଖାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ କଲେଜକୁ ଅଚାନକ ଗସ୍ତ କରି କଲେଜର ଭିତ୍ତିଭୂମି ପରଖିବା ଓ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରୁଥିବା ମନ୍ତ୍ରୀ ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## କାର୍ଯ୍ୟରେ ଅନୁପସ୍ଥିତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

# ୭ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍

**ଯାଜପୁର ଟାଉନ,୨୦।୭(ଡିଏନଏ)**

ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଏବେ ଆକ୍ସନ ମୁଡ୍‌ରେ ଦେଖିବାକୁ ମିଳୁଛି। କାର୍ଯ୍ୟରେ ଅବହେଳା, ସଦର ମହକୁମାରେ ଉପସ୍ଥିତ ରହୁ ନ ଥିବା ଓ ମଦ ପିଉଥିବା ସମୟରେ କର୍ମଚାରୀଙ୍କୁ ଧରିବା କାର୍ଯ୍ୟରେ ତତ୍ପର ହୋଇ ଉଠିଛନ୍ତି ଜିଲାପାଳ। ଫଳରେ ଛାନିଆ ହୋଇପଡ଼ିଛନ୍ତି ସରକାରୀ କର୍ମଚାରୀ। ଶନିବାର ୭ଜଣ କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗରେ ଜିଲାପାଳ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଜିଲାର ସମସ୍ତ ତହସିଲରେ ବିଭିନ୍ନ ପ୍ରକାର ମିସ୍ ସାର୍ଟିଫିକେଟ୍ ଓ ସାର୍ଟିଫାଏଡ୍ କପି ପାଇଁ ଆବେଦନକାରୀମାନେ ଅନେକ ସମୟରେ ହଇରାଣ ହେଉଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ଏଗୁଡିକୁ ହିତାଧିକାରଙ୍କୁ ପ୍ରଦାନ କରିବା ପାଇଁ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପଳ ମିହିର ପ୍ରସାଦ ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ମହାନ୍ତି ଦଶରଥପୁର ତହସିଲକୁ ଗସ୍ତ କରିବା ସହ ଏହି ଘଟଣାର ଅନୁଧ୍ୟାନ କରିଥିଲେ। ଦଶରଥପୁର ତହସିଲଦାର ରଥଯାତ୍ରା କାର୍ଯ୍ୟରେ ଯିବା ପରେ ଛୁଟିରେ ଥିବାରୁ ଓ ଅତିରିକ୍ତ ତହସିଲଦାର ଟ୍ରେନିଂରେ ଯାଇଥିବାରୁ ବିଭିନ୍ନ ସାର୍ଟିଫିକେଟ୍ ଇସ୍ୟୁ ହୋଇପାରୁ ନ ଥିଲା। ବର୍ତ୍ତମାନ କାର୍ଯ୍ୟରେ ଯୋଗଦେବା ସହ ୨୧ତାରିଖରୁ ଅତିରିକ୍ତ ତହସିଲଦାର ଟ୍ରେନିଂରୁ ଫେରୁଥିବାବେଳେ ଅଗ୍ରାଧିକାର ଭିତ୍ତିରେ ସାର୍ଟିଫିକେଟ୍ ଓ ସାଟିଫାଏଡ୍ ପ୍ରଦାନ କରିବା ପାଇଁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମଲ୍ଲିକାପୁର ରାଜସ୍ୱ ନୀରିକ୍ଷକ ବିଜୟ କିଶୋର ମହାନ୍ତି, ରଣଙ୍ଗା ରାଜସ୍ୱ ନୀରିକ୍ଷକ ପ୍ରଗତିକା ବଳ ଓ ମଙ୍ଗଳପୁର ରାଜସ୍ୱ ନିରୀକ୍ଷକ ସ୍ମୃତିରଞ୍ଜନ ସେଠୀ ବିଭିନ୍ନ ସାର୍ଟିଫିକେଟ୍ ପାଇଁ ଆବେଦନ ଫର୍ମଗୁଡିକୁ ଉପଯୁକ୍ତ ଅଧିକାରୀଙ୍କୁ ପ୍ରେରଣ ନ କରି ନିଜ ପାଖରେ ରଖିଥିବାରୁ ସେମାନଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହା ସହିତ ଏଗୁଡିକୁ ତୁରନ୍ତ ପ୍ରେରଣ କରି ଆବେଦନକାରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିବାକୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ସେହିପରି ଦଶରଥପୁର ତହସିଲର ବରିଷ୍ଠ କିରାଣୀ ଦେବେନ୍ଦ୍ର ପ୍ରହରାଜ, ଦେବଦତ୍ତ ସନ୍ଧିବିଗ୍ରହ ଓ ଡାଟାଏଣ୍ଟ୍ରିଅପରେଟର ଅମୀୟା ସାମଲ କାର୍ଯ୍ୟରେ ଅନୁପସ୍ଥିତ ଥିବା ଯୋଗୁ ଏବଂ ଅନ୍ୟତମ ବରିଷ୍ଠ କିରାଣୀ ସଂଜୀବ ମହାରଣାଙ୍କୁ ଆର୍‌ଟିପିଏସ୍ କାର୍ଯ୍ୟରେ ଅବହେଳା ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସୂଚନା ଥାଉକି, ଗୁରୁବାର ସାଦକପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟଭାମା ସାହୁଙ୍କୁ ଅନିୟମିତତା ଅଭିଯୋଗରେ ନିଲମ୍ବିତ କରାଯାଇଥିବାବେଳେ ସେହିଦିନ କୋରେଇ ବ୍ଲକର ସହକାରୀ ଯନ୍ତ୍ରୀ ମନୋଜ କୁମାର ସେନାପତି ସଦରମହକୁମାରେ ରହୁ ନ ଥିବାରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ସେହିପରି ଯୋଗାଣ ବିଭାଗର ୩ଜଣ କର୍ମଚାରୀ ଗତ ୧୨ତାରିଖ ବାର୍‌ରେ ବସି ମଦ ପିଉଥିବାବେଳେ ଜିଲାପାଳ ସେମାନଙ୍କୁ ନିଲମ୍ବିତ କରିଥିଲେ।

### ଜାରକା ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ଧର୍ମଶାଳା,୨୦।୭(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ପ୍ରାଥମିକ ବିଦ୍ୟାଳୟର ୪୭ତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅଭିରାମ ନନ୍ଦ ସଭାପତିତ୍ୱ କରିଥିଲେ। କୁମାରୀ ପଞ୍ଚାୟତ ସରପଞ୍ଚ ନଟବର ସାହୁ ମୁଖ୍ୟଅତିଥି, ଏବିଇଓ ଅକ୍ଷୟ କୁମାର ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସିଆରସିସି ଅଭୟ କୁମାର ଦଳେଇ, ୱାର୍ଡସଭ୍ୟା ପୁଷ୍ପଲତା ବାରିକ, ଅଙ୍ଗନୱାଡି କର୍ମୀ କନକଲତା ମହାନ୍ତି, ପୁରାତନ ଛାତ୍ର ସଂସଦ ସଭାପତି ତାରିଣୀ ମୋହନ ବିଶ୍ୱାଳ ଓ ଏସଏମସି ସଭାପତି ଅମରେନ୍ଦ୍ର ନାଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁଲତା ମିଶ୍ର ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏସଏମସିର ଉପସଭାପତି କଳ୍ପନା ସାହୁ, ପୂର୍ବତନ ସଭାପତି ସୟଦ ଗୁଲାମ୍ ନୁଫା, ସଭ୍ୟା ଉର୍ମିଳା ଦୋରା, ଶିକ୍ଷୟିତ୍ରୀ ସୁଷମା ପତି, ବିଦ୍ୟୁତଲତା ରାଉତ ଓ କୁମୁଦିନୀ ପାଢୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିମାନେ କୃତୀ ଛାତ୍ରୀଛାତ୍ର ସୋନାଲି ଗେଡି, ଅନିତା ମହାରଣା, ପ୍ରିୟଙ୍କା ସାହୁ, ଲକ୍ଷ୍ମୀ ଦାଶ ଓ ରାଜେଶ୍ୱରୀ ଦାଶଙ୍କୁ ପୁରସ୍କୃତ କରିଥିଲେ।

### ଏ-୨ ଦୁଗ୍ଧ ଉତ୍ପାଦନ ଯୋଜନା ସମ୍ପର୍କିତ ଆଲୋଚନାଚକ୍ର



ଆଲୋଚନା ଚକ୍ରରେ ଉପସ୍ଥିତ ଅଧିକାରୀ ଓ ଚାଷୀ।

**ରସୁଲପୁର,୨୦।୭(ଡିଏନଏ)**

ରସୁଲପୁର ବ୍ଲକ ପ୍ରାଣୀ ଚିକିତ୍ସା କେନ୍ଦ୍ର କାର୍ଯ୍ୟାଳୟରେ ଶନିବାର ଅପରାହ୍ନରେ ଏ-୨ ଦୁଗ୍ଧ ଉତ୍ପାଦନ ଯୋଜନା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଯୋଜନା ଜରିଆରେ ଦେଶୀ ଗାଈ ପାଳନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ଲକର ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ରଞ୍ଜନ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଓମ୍‌ଫେଡ ଦୁଗ୍ଧ ସଂଘର ସହକାରୀ କନିଷ୍ଠ ଅଧିକାରିଣୀ ସମାପିକା ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗୋ-ପାଳନ କରୁଥିବା ଓ ପାଳନ କରିବା ଦିଗରେ ଆଗ୍ରହ ପ୍ରକାଶ କରୁଥିବା ଚାଷୀଙ୍କୁ ଦେଶୀ ଗାଈ ପାଳନ ସମ୍ପର୍କିତ ଉପାଦେୟ କଥାମାନ କହିଥିଲେ। ଦେଶୀ ଗାଈ କ୍ଷୀର ମାନ ସର୍ବୋତ୍କୃଷ୍ଟ ଅଟେ। ଗାଁ ଗଣ୍ଡାରେ ଗାଈ ପାଳନ ସଂଖ୍ୟା ହ୍ରାସ ପାଉଛି । ଗୋ ପାଳକମାନେ ଦେଶୀ ଗାଈ ବଦଳରେ ଜର୍ସି ଗାଈ ପାଳନ ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଦେଶୀ ଗାଈ ପାଳନ କରି ଜଣେ ଚାଷୀ ଆତ୍ମ ନିର୍ଭରଶୀଳ ହୋଇପାରିବ। ଏ ନେଇ ଏକ ସମିତି ଗଠନ କରାଯାଇ ଦେଶୀ ଗାଈ କ୍ଷୀର ସଂଗ୍ରହ କରି ଓମ୍‌ଫେଡକୁ ପ୍ରଦାନ କରିବେ। ଏ ଦିଗରେ କମ୍ପାନୀ ପକ୍ଷରୁ ଗୋ-ପାଳକଙ୍କୁ ବିଭିନ୍ନ ପ୍ରକାର ସୁବିଧା ଯୋଗାଇ ଦିଆଯିବ। ସମିତିରେ ସଭ୍ୟ ଥିବା ଚାଷୀମାନେ ଏହି ସୁବିଧା ପାଇପାରିବେ ବୋଲି ଆଲୋଚନା ଚକ୍ରରେ ଚାଷୀଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରାଯାଇଥିଲା । ବ୍ଲକ ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ବିରଞ୍ଚି ନାରାୟଣ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ଯୋଗ ଦେଇଥିଲେ।

**ଦେଶୀ ଗାଈ ପାଳନ ଉପରେ ଗୁରୁତ୍ୱ**

### ଯୌତୁକ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**ଧର୍ମଶାଳା,୨୦।୭(ଡି.ଏନ.ଏ.)**

ଯୌତୁକ ନିର୍ଯାତନା ଅଭିଯୋଗରେ ଜେନାପୁର ପୋଲିସ ଶନିବାର ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ବଳଭଦ୍ରପୁର ଗ୍ରାମର ବାବୁଲି ବେହେରା। ଏ ନେଇ ପୋଲିସ ଏକ ମାମଲା (ନଂ. ୧୬୮/୧୯) ରୁଜୁ କରିଥିବା ଥାନାଧିକାରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବାବୁଲି ଗତବର୍ଷ ଜୁଲାଇରେ ସାତମାଣ ଗ୍ରାମର ଜଳଧର ବେହେରାଙ୍କ ଝିଅ ଝୁନୁଲତାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଝୁନୁଲତାଙ୍କ ପରିବାର ଲୋକେ ଦାବି ଅନୁସାରେ ଯୌତୁକ ଦେଇଥିଲେ। ପରେ ଅଧିକ ୫୦ ହଜାର ଟଙ୍କା ଯୌତୁକ ଆଣିବାକୁ କହି ବାବୁଲି ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏ ନେଇ ଝୁନୁଲତା ସ୍ୱାମୀଙ୍କ ବିରୋଧରେ ଜେନାପୁର ଥାନାରେ ଅଭିଯୋଗ କରିଥିଲେ।

### ଏମ୍‌ପି, ବିଧାୟିକାଙ୍କ ମାରାଥନ କାର୍ଯ୍ୟକ୍ରମ

**ରସୁଲପୁର,୨୦।୭(ଡିଏନଏ)**

ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଓ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ପକ୍ଷରୁ ଶନିବାର ସନ୍ଧ୍ୟାରେ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପରିସରରେ ୪.୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୋଦାମ ଗୃହର ଶୁଭ ଉଦ୍‌ଘାଟନ ଓ ପଞ୍ଚାୟତ ପାଣ୍ଠି ୪ର୍ଥ ରାଜ୍ୟ ଅର୍ଥ କମିଶନ ଅନୁଦାନ ୨୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାଛଡା ଉଭୟ ନେତ୍ରୀଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ରହ୍ମବରଦା ସରପଞ୍ଚ ବିଜୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଏମ୍‌ପି ସେଠୀ ଓ ମୁଖ୍ୟ ବକ୍ତା ବିଧାୟିକା ଦାସଙ୍କୁ ବ୍ରହ୍ମବରଦା ପଞ୍ଚାୟତ, ବ୍ରହ୍ମବରଦା ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର ଜିଲା ଆଞ୍ଚଳିକ ବିଡି ଶ୍ରମିକ ସଂଘ, ସାଇନିଂ ଫ୍ୟୁଚର ୟୁଥ କ୍ଲବ, ଜିଲା ନିର୍ମାଣ ଶ୍ରମିକ ସଂଘ, ବ୍ରହ୍ମବରଦା ପ୍ରାଥମିକ ସମବାୟ ସେବା ସମିତି, ପଞ୍ଚାୟତ ଅଙ୍ଗନୱାଡି କର୍ମଚାରୀ ସଂଘ, କିଶୋର କ୍ଲବ, ମୁସଲିମ ସଂଗଠନ ନେତ୍ୱା, ଅଲଜାମିଆ ତୁଲା ଇମାନିଆ, ମାରି ମାଦ୍ରାସା ପ୍ରମୁଖ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ଉତ୍ସବରେ ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର ଦାସ, କନିଷ୍ଠ ଯନ୍ତ୍ରୀ ଅଶୋକ ସାହୁ, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ପ୍ରାକ୍ତନ ଜିଲାପରିଷଦ ସଦସ୍ୟା ଆରତୀ ଦେଓ, ଅହଲ୍ୟା ମଣ୍ଡଳ, ପ୍ରଫୁଲ ସାହୁ, ଅଭିମନ୍ୟୁ ମହାଳିକ ପ୍ରମୁଖ ଯୋଗ ଦେଇଥିଲେ। ଅଟଳ ବିହାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜ ପଡିଆରେ ବୃକ୍ଷରୋପଣ କରାଯାଇଥିଲା।




ବ୍ରହ୍ମବରଦା କଲ୍ୟାଣମଣ୍ଡପ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଏମ୍‌ପି ଓ ବିଧାୟିକା।

## ଟ୍ରକ୍ ମାଲିକଙ୍କ ଅର୍ଥନୈତିକ ଅବରୋଧ ଦ୍ୱିତୀୟ ଦିନରେ

# ବଢୁଛି ସମର୍ଥନ, ସମାଧାନ ପାଇଁ ପ୍ରଶାସନର ପ୍ରସ୍ତୁତି

**କାଳିଆପାଣି/ସୁକିନ୍ଦା,୨୦।୭(ଡିଏନଏ)**

ଟ୍ରକମାଲିକମାନେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା ଲାଗୁ କରିବାକୁ ଦାବି କରି ଶୁକ୍ରବାରଠାରୁ କୁହିକାଠାରେ ଅର୍ଥନୈତିକ ଅବରୋଧ ଆନ୍ଦୋଳନ ଚଳାଇଛନ୍ତି। ଶନିବାର ଏହି ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ତେବେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ସ୍ଥାନୀୟ ପୋଲିସ ବଳ ପ୍ରୟୋଗ କରି ଅଟକ ଥିବା ଶତାଧିକ କ୍ରୋମାଇଟ ଲୋଡ଼ିଂ ଟ୍ରକଗୁଡ଼ିକୁ ରାସ୍ତାରୁ ହଟାଇ ଦେଇଥିବା ଅଭିଯୋଗ ହୋଇଛି। ଯାହକୁ ନେଇ ଟ୍ରକ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ଆନ୍ଦୋଳନକୁ ନୈତିକ ସମର୍ଥନ ଦେଇ ଯାଜପୁର ରୋଡ଼, ଚଣ୍ଡିଖୋଲ ଟ୍ରକ ମାଲିକମାନେ ମଧ୍ୟ ସୋମବାରଠାରୁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଜଣାପଡ଼ିଛି। ଏହି ମର୍ମରେ ଯାଜପୁର ରୋଡ ଓ ଚଣ୍ଡିଖୋଲ ଟ୍ରକ ମାଲିକମାନେ ଶୁକ୍ରବାର ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଦାବିପତ୍ର ଦେଇଥିବାବେଳେ ଶନିବାର ଡୁବୁରୀ ଓ ଟମକା ଟ୍ରକମାଲିକମାନେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂକୁ ଖଣି ଅଞ୍ଚଳରେ ତୁରନ୍ତ ଲାଗୁ କରିବା ନେଇ ଟମକା ଓ କଳିଙ୍ଗନଗର ଥାନାରେ ଲିଖିତ ଦାବିପତ୍ର ଦେଇଥିବା ସୂଚନା ମିଳିଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ଆସନ୍ତା ଶୁକ୍ରବାର ମଧ୍ୟରେ ସମସ୍ତ ଟ୍ରକ ମାଲିକ ସଂଘ ସହ ଜିଲା ପ୍ରଶାସନର ଏକ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଶନିବାର ଏକ ଜରୁରୀକାଳୀନ ବୈଠକ ଆୟୋଜନ କରାଯାଇଥିଲା। ଉକ୍ତ ବୈଠକରେ କଳିଙ୍ଗନଗର ଅତିରିକ୍ତ ଏଏସ୍‌ପି ରାଜକିଶୋର ଦୋରା ଆସନ୍ତା ଶୁକ୍ରବାର ମଧ୍ୟରେ ଏକ ବୈଠକ ପାଇଁ ସମୟ, ତାରିଖ ନିର୍ଦ୍ଧାରଣ କରି ଟ୍ରକ ମାଲିକ ସଂଘର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିବାକୁ ସୂଚନା ପ୍ରଦାନ କରାଯିବ ବୋଲି କହିଛନ୍ତି। ଆୟୋଜିତ ହେବାକୁ ଥିବା ସମାଧାନ ବୈଠକରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ସମେତ ଏଡିଏମ୍ କଳିଙ୍ଗନଗର ମିଶ୍ର, ଏଏସ୍‌ପି କଳିଙ୍ଗନଗର ଦୋରା, ଯାଜପୁର ଏସ୍‌ପିଙ୍କ ସହ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିବାର ଯୋଜନା କରାଯାଇଛି। ଏ ସମ୍ପର୍କରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର କହିଛନ୍ତି, ଟ୍ରକ ମାଲିକମାନେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ କରିଆସୁଥିବାରୁ ବିବାଦର ସମାଧାନ ହୋଇପାରୁ ନାହିଁ। କିନ୍ତୁ ପ୍ରଶାସନ ସଜାଗ ରହିଛି। ଖୁବ୍ ଶୀଘ୍ର ବୈଠକର ଆୟୋଜନ କରାଯାଇ ଏହାର ସମାଧାନ କରାଯିବ। ସୂଚନା ଥାଉକି,ମିନେରାଲ ଟ୍ରକ ମାଲିକ ସଂଘ ପକ୍ଷରୁ ବେଆଇନଭାବେ ଟୋକେନ ଇସ୍ୟୁ କରି ଅର୍ଥ ଆଦାୟ, ଲୋଡିଂ କ୍ଷେତ୍ରରେ ପାତର ଅନ୍ତର କରୁଥିବା ନେଇ ଟ୍ରକ ମାଲିକମାନେ ବାରମ୍ବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଥିଲେ। ମାତ୍ର ପ୍ରଶାସନ ଏନେଇ କର୍ଣ୍ଣପାତ କରୁ ନଥିବାରୁ ଶୁକ୍ରବାରଠାରୁ ସୁକିନ୍ଦା କ୍ରୋମାଇଟ ଖଣି ଟ୍ରକ ମାଲିକ ସଂଘ ନେତୃତ୍ୱରେ କୁହିକା ଓ ଟମକା ଛକରେ ଅର୍ଥନୈତିକ ଅବରୋଧ କରିଛନ୍ତି।



ସାଧୁ ଅନ୍ୟଙ୍କୁ ଦୁଃଖରୁ ରକ୍ଷା କରିବାକୁ ଯାଇ କଷ୍ଟ ସହିଥାନ୍ତି, ମାତ୍ର ଦୁଷ୍ଟ ଲୋକ ଅନ୍ୟକୁ ଦୁଃଖ ଦେଇ ସୁଖ ପାଏ।
- ମହର୍ଷି ବାଲ୍ମୀକି



## ଏ ସପ୍ତାହର କାର୍ଯ୍ୟକ୍ରମ

୨୧ ତାରିଖ (ରବିବାର)

- ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର, ସ୍ଥାନ- ଈଶ୍ୱର କଲ୍ୟାଣ ମଣ୍ଡପ, ନୟାଗଡ଼, ସମୟ- ସକାଳ ୯ଟା
- ନୟାଗଡ଼ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର, ପୁରୁଣା ବସ୍‌ଷ୍ଟାଣ୍ଡ, ନୟାଗଡ଼, ସମୟ- ସକାଳ ୮ଟା
- ନୟାଗଡ଼ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ- କଲ୍ୟାଣମଣ୍ଡପ, ଓଡ଼ଗାଁ, ସମୟ- ପୂର୍ବାହ୍ନ ୧୧ଟା

୨୨ତାରିଖ (ସୋମବାର)

- ରକ୍ତଦାନ ଶିବିର, ସତ୍ୟସାଇ ସେବା ସମିତି ପରିସର, ଓଡଗାଁ, ସମୟ-ପୂର୍ବାହ୍ନ ୯ଟା

## ସଂକ୍ଷେପରେ

### ଘର ମଧ୍ୟରୁ ନାଗସାପ ଉଦ୍ଧାର



**ଖଣ୍ଡପଡା,୨୦।୭(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ରାଣୀପଡା ପଞ୍ଚାୟତ ବିରିଡିହି ଗ୍ରାମର ରବୀନ୍ଦ୍ର ପରମଗୁରୁଙ୍କ ଘରୁ ଏକ ୫ଫୁଟ ଲମ୍ବର ନାଗ ସାପକୁ ନୟାଗଡର ଜଣେ ସ୍ନେକ ହେଲପ୍‌ଲାଇନ ସଦସ୍ୟ ଶନିବାର ଉଦ୍ଧାର କରିଛନ୍ତି। ଶୁକ୍ରବାର ରାତିରେ ସାପଟି ତାଙ୍କ ଘରେ ପଶିଥିବା ନେଇ ଗ୍ରାମର ହରିହର ପଣ୍ଡା ଦେଖି ଗୃହକର୍ତ୍ତାଙ୍କୁ ଜଣାଇଥିଲେ। ସ୍ନେକ ହେଲପଲାଇନ ସଦସ୍ୟ ଗ୍ରାମରେ ପହଞ୍ଚି ସାପଟିକୁ ଉଦ୍ଧାର କରିବା ପରେ ଗାଁ ନିକଟ ସଂରକ୍ଷିତ ଜଙ୍ଗଲରେ ଅକ୍ଷତ ଅବସ୍ଥାରେ ଛାଡିଦେଇଛନ୍ତି।

### ନାବାଳିକା ଅପହରଣ ମାମଲା: ଜେଲ ଗଲେ ଅଭିଯୁକ୍ତ

**ରଣପୁର,୨୦।୭ (ସ୍ୱ.ପ୍ର.):** ନୟାଗଡ ଜିଲା ଚାନ୍ଦପୁର ଥାନା ଅଞ୍ଚଳରୁ ଅପହୃତା ନାବାଳିକାଙ୍କୁ ଶୁକ୍ରବାର ପୋଲିସ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପରିସରରୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ଶନିବାର ରଣପୁର ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ଯୁବକ ଶଙ୍କର ଭୋଇଙ୍କୁ ରଣପୁର କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ଗତ ୬ତାରିଖରେ ନାବାଳିକା ଜଣକ ତାଙ୍କ ଭାଇ ସହ ଖେଳୁଥିବାବେଳେ ଶଙ୍କର ଓ ଅନ୍ୟଜଣେ ଯୁବକ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ଶଙ୍କର ଚକୋଲେଟ୍ ଦେବାକୁ କହି ନାବାଳିକାଙ୍କୁ ଅପହରଣ କରିନେଇ ଭିକ୍ଷା ବୃତ୍ତିରେ ଲଗାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୬୯/୧୯ରେ ମାମଲା ରୁଜୁ କରିଥିଲା। ଶୁକ୍ରବାର ବିଶେଷ ସୂତ୍ରରୁ ଖବର ପାଇ ଚାନ୍ଦପୁର ଥାନା ଅଧିକାରୀ ଓ ଷ୍ଟାଫ କ୍ୟାପିଟାଲ ହସ୍ପିଟାଲ ପରିସରରେ ଚଢାଉ କରି ଉଭୟଙ୍କୁ କାବୁ କରିଥିଲେ।

■ ମହାନଦୀ କୂଳର ମୃତ୍ତିକା କ୍ଷୟ ରୋକିବା ଚିନ୍ତା

# ମଣିଭଦ୍ରାଠାରେ ପଥର ବୁରୁଜ କାର୍ଯ୍ୟ ନିମ୍ନମାନର

**ଗଣିଆ,୨୦।୭(ଡି.ଏନ.ଏ.)**

ମହାନଦୀ ପ୍ରଖର ଜଳସ୍ରୋତକୁ ମନ୍ଥର କରିବା ଓ କୂଳର ମୃତ୍ତିକା ଅବକ୍ଷୟ ରୋକିବା ପାଇଁ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ତରଫରୁ ନୟାଗଡ଼ ଜିଲା ଗଣିଆ ବ୍ଲକ ମହାନଦୀର ଦକ୍ଷିଣପାର୍ଶ୍ୱ କୂଳ ମଣିଭଦ୍ରାଠାରେ ୪ଟି ପଥର ବୁରୁଜ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏହା ନିର୍ମାଣ ପାଇଁ ନାବାର୍ଡ ପକ୍ଷରୁ ୨୮୯.୦୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ତେବେ ବୁରୁଜ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ବେଳେ ଏହାର ସ୍ଥାୟିତ୍ୱ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୁରୁଜଗୁଡିକ ମାଟିଗଦା ଉପରେ ପଥର ପ୍ୟାକିଂ କରାଯାଉଛି। ପୁଣି ପ୍ୟାକିଂ କରାଯାଉଥିବା ପଥର ନିର୍ଦ୍ଦିଷ୍ଟ ଆକାରର ହୋଇ ନ ଥିବା ଦେଖାଯାଉଛି। ସେହିପରି ପୂର୍ବରୁ ମହାନଦୀ ବାଲି ଶଯ୍ୟାରେ କୌଣସି ଫୁଟିଂ ବେସ୍ ଲାଇନ କରା ନ ଯାଇ ସିଧାସଳଖ ବାଲି ଉପରେ ମାଟି ଓ ପଥର ଗଦା କରାଯାଇ ବୁରୁଜ ନିର୍ମାଣ କରାଯାଉଛି। ଫଳରେ ଚଳିତ ବର୍ଷାଋତୁରେ ମହାନଦୀରେ ବନ୍ୟାଜଳ ଆସିଲେ ନିର୍ମାଣାଧୀନ ବୁରୁଜଗୁଡିକର ମୂଳରୁ ବାଲି ଧୋଇହୋଇ ଦବିଯିବା ସମ୍ଭାବନା ରହିଛି। ଏହି କାର୍ଯ୍ୟ ନିମିତ୍ତ ଜଳସମ୍ପଦ ବିଭାଗ ତରଫରୁ ନିର୍ମିତ ଫଳକରେ ବୁରୁଜଗୁଡିକର ଲମ୍ବ ଓ ଓସାର ସହ କେଉଁ ସାଇଜ୍ ତଥା କେତେ ପରିମାଣର ପଥର ବ୍ୟବହୃତ କରାଯିବ ସେ ନେଇ କୌଣସି ସୂଚନା ଉଲ୍ଲେଖ କରାଯାଇନାହିଁ। ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ କୌଣସି ଦିନ କାର୍ଯ୍ୟସ୍ଥଳରେ ଦେଖିବାକୁ ମିଳୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କନିଷ୍ଠଯନ୍ତ୍ରୀ ଜଣକ ଗଣିଆ ବ୍ଲକ ଜଳସମ୍ପଦ ବିଭାଗରେ ୨୦୦୫ ମସିହାରୁ କାର୍ଯ୍ୟ କରିଆସୁଛନ୍ତି। ହେଲେ ଗଣିଆସ୍ଥିତ କାର୍ଯ୍ୟାଳୟରେ ମାସକୁ ଦିନେ ଦୁଇଦିନ ଛାଡିଦେଲେ ଅନ୍ୟଦିନରେ ତାଙ୍କର ଦେଖା ମିଳେନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଫଳରେ ଏହି ବୁରୁଜ ନିର୍ମାଣ କାର୍ଯ୍ୟରେ ବିଭାଗୀୟ ଅଧିକାରୀଙ୍କ ସ୍ୱଚ୍ଛତା ସ୍ପଷ୍ଟ ବାରିହୋଇପଡୁଛି। ବିଭାଗୀୟ ଉଚ୍ଚ ପଦାଧିକାରୀ ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଗଣିଆ ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ସୁଧାଂଶୁ ଶେଖର ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ବୁରୁଜ ନିର୍ମାଣ କାର୍ଯ୍ୟ ଠିକ୍ ଚାଲିଛି । କାର୍ଯ୍ୟ ଶେଷ ହେବା ପାଇଁ ଆହୁରି ୭ମାସ ବାକି ରହିଛି । ଯଦି ବର୍ଷା ଦିନେ ବୁରୁଜ କ୍ଷତିଗ୍ରସ୍ତ ହୁଏ ପୁଣିଥରେ ମରାମତି କରାଯିବ ବୋଲି ସେ କହିଛନ୍ତି।



ମାଟିଗଦା ଉପରେ ପଥର ପକାଇ ବୁରୁଜ ନିର୍ମାଣ କରାଯାଉଛି ।

■ ଗ୍ରାମ ସଭାପତିଙ୍କୁ ମାଡ଼ ଘଟଣା

# ୪ ଦିନ ହେଲା ଗ୍ରାମରେ ମୁତୟନ ଅଛନ୍ତି ପୋଲିସ



ଭାଙ୍ଗି ଦିଆଯାଇଥିବା ବ୍ରଜବନ୍ଧୁଙ୍କ ଘର ।

**ନୟାଗଡ଼ ଅଫିସ,୨୦।୭**

ନୟାଗଡ଼ ଜିଲା ସଦର ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମ ସଭାପତିଙ୍କୁ ମାଡ଼ ଘଟଣା ଭିନ୍ନ ମୋଡ଼ ନେଇଛି। ଏ ନେଇ ଲକ୍ଷ୍ମୀପ୍ରସାଦ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ୪ ଦିନ ହେଲାଣି ଗ୍ରାମରେ ପୋଲିସ ମୁତୟନ ରହିଛନ୍ତି। ଅନ୍ୟପକ୍ଷେ ଗ୍ରାମ ସଭାପତିଙ୍କ ପରିବାର ସଦସ୍ୟମାନେ ମାଡ଼ ମାରିଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ ବ୍ରଜବନ୍ଧୁ ଦଳେଇଙ୍କ ଘର ଭଙ୍ଗାରୁଜା କରିଥିବାବେଳେ ଶନିବାର ତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିଛନ୍ତି।

ପ୍ରକାଶ ଯେ, ଗତ ୧୬ ତାରିଖରେ ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମରେ ଲିଙ୍ଗରାଜ ଦଳେଇ ତାଙ୍କ ସହଯୋଗୀ ଆଲୋକ ସାହୁଙ୍କ ସହିତ ଏକ ବାଇକ୍‌ରେ ଆସି ପିଟିଏସ୍ ରୋଡ଼ଠାରେ ଗ୍ରାମ ସଭାପତି ବଳଭଦ୍ର ନାୟକଙ୍କୁ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ଏହି ସମୟରେ ଲୋକମାନେ ଆଲୋକଙ୍କୁ ଧରି ପୋଲିସ ଜିମା ଦେଇଥିବା ବେଳେ ଲିଙ୍ଗରାଜ ଖସି ପଳାଇ ଯାଇଥିଲେ। ଉକ୍ତ ଦିନଠାରୁ ବଳଭଦ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବିଭିନ୍ନ ସମୟରେ ମଦ୍ୟପାନ କରି ଲିଙ୍ଗରାଜ ଗ୍ରାମରେ ଗାଳିଗୁଲଜ କରୁଥିବାରୁ ସଭାପତି ବଳଭଦ୍ର ତାଙ୍କୁ ଏକଘରିକିଆ ରଖିଥିଲେ। ଲିଙ୍ଗରାଜ ଆକ୍ରୋଶ ମନୋଭାବ ରଖି ୧୬ ତାରିଖରେ ବଳଭଦ୍ରଙ୍କୁ ଆକ୍ରମଣ କରିଥିଲେ। ଲିଙ୍ଗରାଜଙ୍କୁ ଏକମାସ ତଳେ ଗ୍ରାମର କିଛି ବ୍ୟକ୍ତି ଆକ୍ରମଣ କରିଥିଲେ। ତାଙ୍କୁ ବ୍ରଜବନ୍ଧୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। କାହିଁକି ସେ ସେତେବେଳେ ତାଙ୍କୁ ଚିକିତ୍ସା ପାଇଁ ଆଣିଥିଲେ ସେହି ରାଗରେ ଲୋକେ ବ୍ରଜବନ୍ଧୁଙ୍କ ଘର ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଘର ଭାଙ୍ଗିଥିବା ୪ ଜଣ ଫେରାର୍ ଥିଲା ବେଳେ ସଭାପତିଙ୍କୁ ମାଡ଼ ମାରିଥିବା ଲିଙ୍ଗରାଜ ଦଳେଇ ମଧ୍ୟ ଫେରାର୍ ଅଛନ୍ତି। ଟାଉନ ପୋଲିସ ଏକ ମାମଲା ରୁଜୁ କରିଥିବା ବେଳେ ସଦର ପୋଲିସ ମଧ୍ୟ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ପ୍ରତି ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଉ

■ ଖବରଦାତା ସମ୍ମିଳନୀରେ ଦାବି କଲା ନବନିର୍ମାଣ କୃଷକ ସଂଗଠନ

**ଖଣ୍ଡପଡା,୨୦।୭(ସ୍ୱ.ପ୍ର.)**

ପ୍ରତ୍ୟେକ ସମବାୟ ସମିତିରେ ଧାନମଣ୍ଡି ଖୋଲାଯିବା ସହ ଚାଷୀମାନଙ୍କୁ ଅଖାଟଙ୍କା ଦିଆଯାଉ। ନବ ନିର୍ମାଣ କୃଷକ ସଙ୍ଗଠନ ଶନିବାର ଖଣ୍ଡପଡାଠାରେ ଏକ ଖବରଦାତା ସମ୍ମିଳନୀ କରି ଏହି ଦାବି କରିଛି। ପ୍ରକାଶ ଯେ, ରାଜ୍ୟର କୃଷକମାନଙ୍କ ବିଭିନ୍ନ ସମସ୍ୟା ପ୍ରତି ରାଜ୍ୟ ସରକାର ଯେତିକି ଧ୍ୟାନ ଦେବା କଥା ସେତିକି ଦେଉନାହାନ୍ତି । ଫଳରେ ଚାଷୀମାନେ ବିଭିନ୍ନ କ୍ଷେତ୍ରରେ ଶୋଷଣର ଶିକାର ହୋଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ନୟାଗଡ ଜିଲାର ପ୍ରତ୍ୟେକ ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଉ ନ ଥିବାରୁ ଆଗାମୀ ଦିନରେ ଜିଲା ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେବାକୁ ରାଜ୍ୟ ନବନିର୍ମାଣ କୃଷକ ସଂଗଠନ ସଦସ୍ୟମାନେ ଦାବି କରିଛନ୍ତି। ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ଆହ୍ୱାନକ୍ରମେ ଅପରାହ୍ନରେ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା । ରାଜ୍ୟ ଯୁବଛାତ୍ର ସଂଗଠନ ସଭାପତି ମନୱର ଅଲ୍ଲି, ନୟାଗଡ ଜଲା ସଂଯୋଜକ ମହେଶ୍ୱର ଜେନା, ଜିଲା ସହ ସଂଯୋଜକ ରଞ୍ଜିତ ଦଳବେହେରା, ସହସଂଯୋଜିକା ମମତା ନାଥ ପ୍ରମୁଖ କୃଷକମାନଙ୍କ ବିଭିନ୍ନ ସମସ୍ୟା ଉଠାଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ମଣ୍ଡିରେ ଦଲାଲ ଓ ମିଲରଙ୍କ ମନମୁଖୀ କାରବାର ଯୋଗୁ ଚାଷୀଙ୍କୁ ଅଖା ବାବଦ ଟଙ୍କା ମିଲରମାନେ ନ ଦେଇ ହଡପ କରୁଥିବା ସେମାନେ ଅଭିଯୋଗ କରିଥିଲେ। ଏପରିକି ପ୍ରତ୍ୟେକ ଚାଷୀଙ୍କୁ ଅଖା ବାବଦ ଟଙ୍କା (ବସ୍ତା ପିଛା ୬ ଟଙ୍କା) ପ୍ରଦାନ ନିମନ୍ତେ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀ ମିଲରମାନଙ୍କୁ ତାଗିଦ କରିବାକୁ ସଂଗଠନ ପକ୍ଷରୁ ଦାବି ହୋଇଥିଲା। ସେହିପରି ପ୍ରତ୍ୟେକ ଚାଷୀଙ୍କୁ କାଳିଆ ଯୋଜନାରେ ଟଙ୍କା ମିଳି ନ ଥିବାରୁ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଗଠନର ସଦସ୍ୟମାନେ ଚେତାବନୀ ଦେଇଥିଲେ। ଅଖା ବାବଦ ଟଙ୍କା ତୁରନ୍ତ ପ୍ରଦାନ କରା ନ ଗଲେ ଆସନ୍ତା ୧୫ ଦିନ ମଧ୍ୟରେ ସଂଗଠନ ପକ୍ଷରୁ ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ କାର୍ଯ୍ୟାଳୟରେ ତାଲା ଝୁଲାଇ ଦିଆଯିବ ବୋଲି ସଂଗଠନର ରାଜ୍ୟ ସଂଯୋଜକ ନନ୍ଦ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଆଗରେ ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ କୃଷକ ସଂଗଠନର କର୍ମକର୍ତ୍ତା।

## ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା: ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ରଣପୁର, ୨୦।୭ (ସ୍ୱ.ପ୍ର.)**

କେନ୍ଦ୍ରାପଡା ଜିଲାରେ ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କୁ ଏସ୍.ପି. ନୀତି ଶେଖର ଦୁର୍ବ୍ୟବହାର କରିଥିଲେ। ଏହି ଘଟଣାକୁ ରଣପୁର ବ୍ଲକର ଖବରଦାତାମାନେ ଦୃଢ ନିନ୍ଦା କରିଛନ୍ତି। ଏହାସହ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ଅନୁପସ୍ଥିତ ଥିବାରୁ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ସମସ୍ତ ଖବରଦାତା ଡାକ ବଙ୍ଗଳାଠାରେ ବୈଠକ କରି କଳାବ୍ୟାଜ୍ ପରିଧାନ କରି ଶୋଭାଯାତ୍ରାରେ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ବିଭିନ୍ନ ସମୟରେ ଏଭଳି ଘଟଣା ଘଟୁଥିବାରୁ ଖବରଦାତାଙ୍କ ସୁରକ୍ଷା ନେଇ ମଧ୍ୟ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଥିଲେ।

## ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ

**ଖଣ୍ଡପଡା,୨୦।୭(ସ୍ୱ.ପ୍ର.)**

ଖଣ୍ଡପଡା ବଜାରରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନରେ ଶନିବାର ଅପରାହ୍ନ ସାଢେ ୫ଟା ସମୟରେ ଗ୍ୟାସ ଲିକ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ଏହି ସମୟରେ ଦୋକାନ ମାଲିକ ଅନୁପସ୍ଥିତ ଥିବାବେଳେ ସେଠାରେ କାମ କରୁଥିବା ୨/୩ ଜଣ ପିଲା ଜୀବନ ବିକଳରେ ବାହାରକୁ ପଳାଇ ଆସିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବରପାଇ ଖଣ୍ଡପଡା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ପାଇଁ ସଚେତନତା



କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

**ଖଣ୍ଡପଡା,୨୦।୭(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ କୃଷି ଅଧିକାରୀଙ୍କ ଆବାହକତ୍ୱରେ ଶନିବାର କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଣ୍ଟିଲୋ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ, ବ୍ଲକ କୃଷି ଅଧିକାରୀ ମିଳନ କୁମାର ସ୍ୱାଇଁ, ଖଣ୍ଡପଡା ଓ ଭାପୁର ବ୍ଲକ କାର୍ଯ୍ୟକାରୀ ଜନସେବା ଅଧିକାରୀ ଅର୍ଜୁନ ଗୁରୁ ଓ ମଡେଲ ସିଏସସି କଣ୍ଟିଲୋ ଜନସେବା ଅଧିକାରୀ ନିଗମାନନ୍ଦ ସାହୁ ପ୍ରମୁଖ ଯୋଗଦେଇ କୃଷକମାନଙ୍କୁ ବୀମାଭୁକ୍ତ କରିବା ପାଇଁ ସଚେତନତା ସୃଷ୍ଟି କରିଥିଲେ । ଚଳିତ ଖରିଫ ଋତୁରେ କେବଳ ଧାନ ଫସଲ ପାଇଁ ବୀମାଭୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାଛଡା ଏହି ଯୋଜନାର ମୂଳ ଲକ୍ଷ୍ୟ ବିଶେଷକରି ଫସଲ କ୍ଷତି ସହୁଥିବା କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ଉପରେ ବୁଝାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ୧୨ଜଣ ଚାଷୀଙ୍କୁ ବୀମାଭୁକ୍ତ କରାଯାଇଥିଲା। ସେହିପରି କୁମୁଣ୍ଡି, ବଳରାମ ପ୍ରସାଦ ଓ ଚୈତନ୍ୟପୁର ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଆଜି ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର

**ନୟାଗଡ଼ ଅଫିସ,୨୦।୭**

ନୟାଗଡ଼ ଜିଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ରବିବାର ନୟାଗଡ଼ ନୂଆ ବସଷ୍ଟାଣ୍ଡ ନିକଟସ୍ଥ ଈଶ୍ୱର କଲ୍ୟାଣ ମଣ୍ଡପଠାରେ ଏକ ବୃହତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହେବ। ଦାରିଦ୍ର୍ୟ ଦୂରିକରଣ ଓ ନାବାଳିକାଙ୍କ ସୁରକ୍ଷା ଏବଂ ପ୍ରଗତି ସମ୍ପର୍କରେ ସଚେତନତା କରାଯିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଅବଗତ କରାଯିବ। ଏତଦ୍ ବ୍ୟତୀତ ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ଜନସାଧାରଣଙ୍କୁ ଜମିପଟ୍ଟା, ଶ୍ରମିକ ପରିଚୟ ପତ୍ର, ଜବ୍‌କାର୍ଡ଼ ଏବଂ ଟ୍ରାଇସାଇକେଲ ଆଦି ବଣ୍ଟନ କରାଯିବା ସହିତ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯିବ। ଏହି ଶିବିରରେ ସ୍ୱାସ୍ଥ୍ୟ, ଗମନାଗମନ,ପରିମଳ ଏବଂ ଅନ୍ୟାନ୍ୟ ସାଧାରଣ ସେବା ସମ୍ପର୍କରେ ଲୋକମାନେ ସେମାନଙ୍କ ଅଭିଯୋଗ ଦାଖଲ ମଧ୍ୟ କରିପାରିବେ। ପୂର୍ବାହ୍ନ ୯ଟା ଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଶିବିର ଅନୁଷ୍ଠିତ ହେବ ।

# କୁଞ୍ଜବିହାରୀ ବାଳିକା ହାଇସ୍କୁଲର ବାର୍ଷିକୋତ୍ସବ

**ଖଣ୍ଡପଡ଼ା,୨୦।୭(ସ୍ୱ.ପ୍ର.)**

କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୫୪ ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସକାଳ ସାଢେ ୧୦ଟାରେ ନୀଳମାଧବ ମନ୍ଦିରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବ ଚନ୍ଦ୍ର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର କାଣ୍ଟି, ଖବରଦାତା ପ୍ରଭାକର ଶିରୋମଣି, ସୁରେଶ କୁମାର ମହାରଣା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଉଜ୍ଜ୍ୱଳ ମହାରଣା ପ୍ରମୁଖ ଯୋଗଦେଇ ଛାତ୍ରୀମାନେ ଗାନ୍ଧୀ, ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମାତାପିତା ଓ ଜନସାଧାରଣଙ୍କ ସେବା କରିବା ପାଇଁ ପରାମର୍ଶ ଦେଇଥିଲେ। ୯ମ ଶ୍ରେଣୀ ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଭାରତ ଅଭିଯାନକୁ ଭିତ୍ତି କରି କ୍ଲିନ ଇଣ୍ଡିଆ ଓ ଗ୍ରୀନ ଇଣ୍ଡିଆ ପ୍ରକଳ୍ପ, ୧୦ମ ଶ୍ରେଣୀ ଛାତ୍ରୀମାନଙ୍କ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରକଳ୍ପ ଓ ୮ମ ଶ୍ରେଣୀ ଛାତ୍ରୀଙ୍କ ସ୍ୱଚ୍ଛତା ପ୍ରକଳ୍ପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଛାତ୍ରୀମାନଙ୍କ ଦ୍ୱାରା ନାଟକ ପରିବେଷଣ।

# ଭକ୍ତି, ନିଷ୍ଠାର ପର୍ବ ବୋଲବମ୍ ଯାତ୍ରା

- ମହାନଦୀରୁ ଜଳଭାର ନେବାକୁ ନୀଳମାଧବ ପୀଠରେ ଗହଳି
- ଶନିବାର ସୁଦ୍ଧା ସମବେତ ହୋଇଛନ୍ତି ୧୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ

**ଖଣ୍ଡପଡ଼ା,୨୦।୭(ସ୍ୱ.ପ୍ର.)**

ଶାସ୍ତ୍ରରେ ଅଛି ଶିବ ହେଉଛନ୍ତି ଅଭିଷେକ ପ୍ରିୟ। ତେଣୁ ଶ୍ରାବଣ ମାସ ଆସିଲେ ବର୍ଷାର ଧାରା ସହିତ ତାଳ ଦେଇ ଆରମ୍ଭ ହୋଇଥାଏ କାଉଡିଆଙ୍କ ସୁଅ। ବିଭିନ୍ନ ଶୈବପୀଠରେ ଜଳଲାଗି କରିବା ପାଇଁ କାନ୍ଧରେ କାଉଡି ବୋହି ଖାଲି ପାଦରେ ଚାଲନ୍ତି ଭକ୍ତ। ଶ୍ରାବଣ ସୋମବାର ଶିବଙ୍କ ମଥାରେ ପାଣି ଢାଳିଲେ ଅଶେଷ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ସାଧାରଣତଃ ପରିବାରର ସୁଖସମୃଦ୍ଧି କାମନା କରି ଏହି ଯାତ୍ରା କରାଯାଇଥାଏ। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ କଣ୍ଟିଲୋ ନୀଳମାଧବ ପୀଠ ପାଦଦେଶରେ ପ୍ରବାହିତ ମହାନଦୀରୁ ଜଳ ଭାର ନେବାକୁ ଭିଡ ଜମାଇ ଦେଇଥାନ୍ତି। ଏହାର ଫାଇଦା ଉଠାଇବା ପାଇଁ ନୀଳମାଧବ କ୍ଷେତ୍ରରେ ବୋଲବମ୍ ଭକ୍ତଙ୍କ ପାଇଁ ଅସ୍ଥାୟୀ ବଜାର ଖୋଲାଯାଇଛି। ଏହି ଯାତ୍ରା ପ୍ରାୟ ଏକମାସ ଧରି ଚାଲୁ ରହୁଥିବାରୁ ବିଭିନ୍ନ ବର୍ଗର ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ବ୍ୟବସାୟରେ ଲାଭ ଉଠାଇଥାନ୍ତି। ଏଠାରେ ଖୋଲିଥିବା ଦୋକାନ ବଜାରରେ ସେମାନେ ବୋଲବମ୍‌ରେ ବ୍ୟବହୃତ ପ୍ଲାଷ୍ଟିକ ନାଗ ସାପ, ଡମ୍ବରୁ, କାଉଡି, ଧାତୁ ଓ ମାଟି ପାତ୍ର, ଫୁଲମାଳ, କ୍ୟାସେଟ, ପୋଷାକ ଆଦି ବିକ୍ରି କରିଥାନ୍ତି। ବୋଲବମ୍ ଭକ୍ତମାନଙ୍କୁ ଶୁଦ୍ଧ ନିରାମିଷ ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ହୋଟେଲ, ଜଳଖିଆ ଦୋକାନ ଖୋଲିଥିବାବେଳେ ଗଞ୍ଜେଇ, ଭାଙ୍ଗ, ଥଣ୍ଡା ପାନୀୟ ବିକ୍ରି ପାଇଁ ବିଭିନ୍ନ ଦୋକାନ ଗଢିଉଠିଛି। ବର୍ଷରେ ଗୋଟିଏ ମାସ ହେଲେ ବି କିଛି ଦୋକାନୀ ଏହା ଦ୍ୱାରା ଭଲ ଦି' ପଇସା ରୋଜଗାର କରିଥାନ୍ତି । ଉତ୍ତର ଭାରତରୁ ଆରମ୍ଭ ହୋଇଥିବା ଏହି ପରମ୍ପରା ଏବେ ଓଡିଶାର କୋଣ ଅନୁକୋଣରେ ପରିଲକ୍ଷିତ ହେଉଛି । ଆଗରୁ କେବଳ ପୁରୁଷମାନେ କାଉଡିଆ ଭାବେ ଜଳଲାଗି କରିବା ପାଇଁ ଯାଉଥିଲେ। ବର୍ତ୍ତମାନ ପିଲାଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସ୍ତ୍ରୀ ଲୋକ ଏପରି କି ଅବିବାହିତ ଝିଅମାନେ ଏଥିରେ ସାମିଲ ହେଉଛନ୍ତି । ଆସନ୍ତା ୨୨ତାରିଖ ଶ୍ରାବଣ ମାସର ପ୍ରଥମ ସୋମବାର। ତେଣୁ ଜିଲା ତଥା ଜିଲା ବାହାରୁ ଭକ୍ତମାନେ ଜଳଭାର ନେବା ଲାଗି ନୀଳମାଧବ କ୍ଷେତ୍ରରେ ସମାଗମ ହୋଇଛନ୍ତି । ବାଟ ସାରା 'ବୋଲବମ୍, ହରହର ବମ୍, ଭୋଲା ବାବା ପାର କରେଗା' ଆଦି ଧ୍ୱନିରେ ଗାଁ ଦାଣ୍ଡ ଉଚ୍ଛୁଳି ପଡୁଛି। ଏଭଳି ଦୃଶ୍ୟ ମନରେ ଭକ୍ତି ସଞ୍ଚାର କରିବା ସହିତ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି । ତେବେ ସାମାଜିକ ପ୍ରତିଷ୍ଠା, କାମର ଚାପ କିମ୍ବା ଅନ୍ୟ କେତେକ କାରଣରୁ କିଛି ବ୍ୟକ୍ତି ମାନସିକ କରିଥିବା ସତ୍ତ୍ୱେ ଏହି ଯାତ୍ରାରେ ଯିବା ପାଇଁ ଅନିଚ୍ଛା ପ୍ରକାଶ କରିଥାନ୍ତି । ଫଳରେ ସେ ଘରେ ରହି ଅନ୍ୟାନ୍ୟ ନୀତି ନିୟମ ପାଳନ କରନ୍ତି ଓ ତାଙ୍କର ପାଣିକୁ ପ୍ରଭୁଙ୍କ ମସ୍ତକରେ ଢାଳିବା ପାଇଁ ଲୋକଟିଏ ଯୋଗାଡ କରି ପଠାଇଥାନ୍ତି। ତେବେ ଭକ୍ତିଭାବ ଯୋଗୁ ଜନ୍ମ ନେଇଥାଏ ବିଭିନ୍ନ ପୂଜା ପାର୍ବଣ, ଆରାଧନା। ଏହା ମଣିଷକୁ ଦୈନନ୍ଦିନ ଜୀବନର କର୍ମଜଞ୍ଜାଳରୁ ମୁକ୍ତକରି ଶାନ୍ତି ପ୍ରଦାନ କରିଥାଏ। ମାତ୍ର ଭକ୍ତିଭାବରୁ ଜନ୍ମ ଏହିସବୁ କାର୍ଯ୍ୟକଳାପ ବେଳେ ବେଳେ ଅନ୍ୟମାନଙ୍କର ସ୍ୱାଭାବିକ ଜୀବନ ଯାତ୍ରାରେ ବାଧକ ସାଜେ । ଏହି ପରିପ୍ରେକ୍ଷୀରେ ବୋଲବମ୍ ଯାତ୍ରାର ଯାତ୍ରୀମାନେ ନିଶା ସେବନ, ପରିବେଶ ପ୍ରଦୂଷଣ ତଥା ଟ୍ରାଫିକ ଜାମ୍ ଯେମିତି ନ ହୁଏ ସେଥିପ୍ରତି ଦୃଷ୍ଟି ଦେଲେ ଏହି ଯାତ୍ରାର ମହାନ୍ ଲକ୍ଷ୍ୟ ପୂରଣ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ମହାନଦୀରୁ ଜଳ ଉଠାଇବା ପାଇଁ ଶନିବାର ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ନୀଳମାଧବ କ୍ଷେତ୍ରରେ ସମବେତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଛାତ୍ରୀଛାତ୍ର, ଗାଡି ଡ୍ରାଇଭର ଓ ବୟସ୍କ ମହିଳା ଥିବା ଦେଖିବାକୁ ମିଳିଛି।



ପାଣି ନେବା ପାଇଁ କଣ୍ଟିଲୋ ମହାନଦୀ ଘାଟରେ କାଉଡ଼ିଆଙ୍କ ଭିଡ଼।